ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK पर्यवेक्षक

Vol.26 . No.20 Bhubaneswar Friday February 24 2023 ୨୬ତମ ବର୍ଷ ସଂଖ୍ୟା–୨୦ ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୪, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

ନୟାପଲ୍ଲିସ୍ଥିତ ମହର୍ଷି ପବ୍ଲିକସ୍କୁଲ ଖେଳପଡ଼ିଆ ଭିତର ଘର ଦୃର୍ବୃତ୍ତଙ୍କ ଦ୍ୱାରା ପୋଡ଼ାଜଳା ଓ ଭଙ୍ଗାରୁଜା

ଭୁବନେଶ୍ୱର,୨୩।୨(ପି.ଏନ): ଗତ ତା ୨୩.୨.୨୩ରିଖ ମଧ୍ୟାହ୍ନରେ ଯୁଗଳ କିଶୋର ବେହେରା ନାମକ ବ୍ୟକ୍ତି କିଛି ଲୋକଙ୍କୁ ଧରି ତାରବାଡ଼ ଭାଙ୍ଗି ନୟାପଲ୍ଲିସ୍ଥିତ ମହର୍ଷି ପବ୍ଲିକ ସ୍କୁଲ ଖେଳପଡ଼ିଆ ଭିତରେ ଥିବା ଘର ଓ ପିଲାମାନଙ୍କ ଖେଳ ଉପକରଣ, ସ୍କୁଲ ସାଇନ୍ ବୋର୍ଡ଼ ଭଙ୍ଗାରୁଜା ଓ ପୋଡ଼ାଜ୍ୱଳା କରିଛନ୍ତି । ଖବର ପାଇ ସ୍କୁଲର ସମ୍ପାଦିକା ଶ୍ରୀମତୀ ହେନା ମହାପାତ୍ର ସେଠାରେ ପହଞ୍ଚି ଉପସ୍ଥିତ ଥିବା ଯୁଗଳ କିଶୋର ବେହେରାଙ୍କୁ ପଚାରିବାରୁ ଏସ.ଡ଼ି.ଓ. ପାଣିଗ୍ରାହୀଙ୍କ ନିର୍ଦ୍ଦେଶରେ ଏହା ସେ କରିଥିବାର କହିଥିଲେ । ସୂଚନାଯୋଗ୍ୟ ୨୦୦୨-୦୩ ମସିହାରୁ ନୟାପଲ୍ଲୀର ଏନ-୩, ବି-୧୪/୧୫ ଠାରେ ମହର୍ଷି ପବ୍ଲିକ ସ୍କୁଲ ଚାଲି ଆସୁଥିଲା । ଏହାର ସଂଲଗ୍ନ ଖେଳ ପଡ଼ିଆଡଟି ସ୍କୁଲ ଦଖଲରେ ରହିଅଛି ଏବଂ ଏହା ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଖେଳପଡ଼ିଆ ତଥା ଭଣ୍ଡାର ଘର ଭାବେ ବ୍ୟବହୃତ ହେଉଅଛି । କିନ୍ତୁ ମହାମାରୀ କରୋନାର ଅବ୍ୟବହିତ ପୂର୍ବରୁ ମହର୍ଷି ପବ୍ଲିକ ସ୍କୁଲ ଏନ-୪, ଏଫ-୨୪କୁ ସ୍ଥାନାନ୍ତରିତ ହୋଇଅଛି । ଏଠାରେ ପ୍ରକାଶଥାଉକି ବିଦ୍ୟାଳୟର ପ୍ରତିଷ୍ଠା ପୂର୍ବରୁ ଆପାତତଃ ୩୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ଜାଗାଟି ଆମ ଦଖଲରେ ଥାଇ ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟରେ ନିୟୋଜିତ ହୋଇଆସୁଅଛି । ତାରବାଡ଼ ଭାଙ୍ଗି ଖେଳପଡ଼ିଆ ଭିତରେ ଥିବା ଦୁଇଗୋଟି କୋଠରୀ ଓ ସେଠାରେ ଲଗାଯାଇଥିବା ସାଇନ୍ ବୋର୍ଡ଼ ସହିତ ଖେଳ ପଡ଼ିଆ ଲଗାଯାଇଥିବା ପିଲାମାନଙ୍କ ଖେଳ ଉପକରଣକୁ ନେଇଯାଇଛନ୍ତି । ଖବର ପାଇ ମୁଁ ସେଠାରେ ପହଞ୍ଚି ଉପସ୍ଥିତ ଥିବା ଯୁଗଳ କିଶୋର ବେହେରାଙ୍କୁ ପଚାରିବାରୁ ଏସ.ଡ଼ି.ଓ ପାଣିଗ୍ରାହୀ ବାବୁଙ୍କ ନିର୍ଦ୍ଦେଶରେ ଏହା ଭଙ୍ଗା ଯାଉଥିବା ସେ କହିଲେ । ଏ ନେଇ ନୟାପଲ୍ଲି ଥାନାରେ ସ୍କୁଲ ସମ୍ପାଦିକା ଶ୍ରୀମତୀ ହେନା ମହାପାତ୍ରଙ୍କ ଦ୍ୱାରା ଦାୟର କରାଯାଇଥିବା ଏତଲାରେ ଭାରପ୍ରାପ୍ତ ଅଧିକାରୀ ଶ୍ରୀ ବିଶ୍ୱରଞ୍ଜନ ଜେନା ଘଟଣାର ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧକରିଛନ୍ତି ।

ଆମ୍ବୁଲାନ୍ସରେ ଗଞ୍ଜେଇ ଚାଲାଣ, ଡ୍ରାଇଭର ଗିରଫ

ସୁବର୍ଣ୍ଣପୁର, ୨୩।୨(ପି.ଏନ): ଆମ୍ବୁଲାନ୍ସ ଗାଡ଼ିରେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲା ଅବକାରୀ ବିଭାଗ ଜଣେ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଛି ।ସୂଚନା ଅନୁସାରେ, ଆଜି ସକାଳୁ ଅବକାରୀ ବିଭାଗ ପେଟ୍ରୋଲିଙ୍ଗ କରୁଥିବା ବେଳେ ବୌଦ୍ଧ ଜିଲ୍ଲା ମନୁମୁଣ୍ଡା ପଟୁ ଆସୁଥିବା ଏକ ଆମ୍ବୁଲାନ୍ସ ଗାଡିକୁ କୁଞ୍ଜ ଛକ ନିକଟରେ ଅଟକାଇ ଥିଲା । ତେବେ ଗାଡିଟି ନ ଅଟକି ପଳାଇ ଯିବାରୁ ତାର ପିଛା କରି ସଦର ବ୍ଲକ ଛକ ନିକଟରେ ଅଟକାଇ ଯାଂଚ୍ କରିବା ପରେ ଆମ୍ବୁଲାନ୍ସରୁ ବିପୁଳ ପରିମାଣର ଗଞ୍ଜେଇ ବାହାରି ଥିଲା । ଏହି ଆମ୍ବୁଲାନ୍ସରୁ ପାଖାପାଖି ୪ କ୍ୱିଂଟାଲ ୨୦ କେଜି ଗଞ୍ଜେଇ ଜବତ ହୋଇଥିଲା । ଯାହାର ଆନୁମାନିକ ମୂଲ୍ୟ ୩୦ ଲକ୍ଷ ହେବ । ଆମ୍ବୁଲାନ୍ସଟି ଗଞ୍ଜେଇ ନେଇ ବୌଦ୍ଧ ଜିଲ୍ଲା ମନୁମୁଣ୍ଡାରୁ ଛତିଶଗଡ ଯାଉଥିବା ଜଣାପଡ଼ିଛି । ତେବେ ଏହି ଗାଡିରୁ ଜଣେ ଡ୍ରାଇଭରଙ୍କୁ ଗିରଫ କରିଛି ଅବକାରୀ ବିଭାଗ । ଡ୍ରାଇଭର ଜଣକ ହେଲେ ଛତିଶଗଡ ରାଜ୍ୟ ରାୟପୁର ଜିଲ୍ଲା ତେଲିବନ୍ଧ ଗାଁର ଉପେନ୍ଦ୍ର ସାହୁ ବୋଲି ଅବକାରୀ ଅଧିକ୍ଷକ କହିଛନ୍ତି ।

ନବଦାସ ହତ୍ୟା: ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରାଇବାକୁ ସରକାର ଚାହାଁନ୍ତି, ହତ୍ୟା ପଛର କାରଣକୁ ନେଇ ଚୁପ୍

ଭୁବନେଶ୍ୱର,୨୩।୨(ପି.ଏନ): ଆମ୍ଭେ ନିଶ୍ଚିତ ଯେ ସମସ୍ତ ପ୍ରୟାସ ଅଭିଯୁକ୍ତକୁ ମାମଲାଟିରେ ଦୋଷୀ ସାବ୍ୟସ୍ତ କରାଇବ । ତେଣୁ ଏ ଦୁଃଖଦ ଘଟଣାକୁ ରାଜନୀତିକରଣ କରାନଯାଉ ।" ଆଜି ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ପ୍ରସଙ୍ଗରେ ପ୍ରାୟ ୩ଘଣ୍ଟା ଧରି ସରଗରମ ଆଲୋଚ୍‌ନାବେଳେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି ବୟାନ ରଖିବା ପରୋକ୍ଷରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରିଛି । ନବ ଦାସ ହତ୍ୟା ମାମଲାର ଅଭିଯୁକ୍ତ ଗୋପାଳ ଦାସକୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ସବୁ ପ୍ରୟାସ ସରକାର କରୁଛନ୍ତି କିନ୍ତୁ ଗୋପାଳ କାହିଁକି ହତ୍ୟା କଲା ଓ ତା'ପଛର ରହସ୍ୟ କ'ଣ ତାହା ଉଜାଗର କରିବା ଉପରେ କ୍ରାଇମବ୍ରାଂଚ୍ ବିଶେଷ ଗୁରୁତ୍ୱ ଦେଉନଥିବା ସ୍ପଷ୍ଟ ହୋଇଛି । ଆଲୋଚ୍‌ନାବେଳେ ନବ ଦାସ ହତ୍ୟା ମାମଲାରେ ଯାଜପୁର ବିଧାୟକଙ୍କୁ ତଦନ୍ତ ପରିସରକୁ ଆଣିବା ପାଇଁ ବିଜେପି ଦାବି କରିଥିବାବେଳେ କଂଗ୍ରେସ ଘଟଣାସ୍ଥଳରେ ନବଙ୍କ ମୃତ୍ୟୁ ହୋଇଥିଲେ ବି କାହିଁକି ଭୁବନେଶ୍ୱର ଆଣି ନାଟକବାଜି କରାଗଲା ବୋଲି ପ୍ରଶ୍ନ କରିଛି । ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ବ୍ୟକ୍ତ କରି ଉଭୟ ବିଜେପି ଓ କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ ।ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଓ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ଦ୍ୱାରା ଆଗତ ପ୍ରସ୍ତାବ "ରାଜ୍ୟର ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ଅମାନବୀୟ ହତ୍ୟା ଓ ଗଭୀର ଷଡଯନ୍ତ୍ର, ହତ୍ୟାର କାରଣ, ଷଡଯନ୍ତ୍ରକାରୀ ଓ ଦୁର୍ବୃତ୍ତକୁ ଚିହ୍ନଟ କରିବାରେ ପୁଲିସ ବିଫଳ" ଉପରେ ଆଜି ସନ୍ଧ୍ୟାରେ ବିଧାନସଭାରେ ପ୍ରାୟ ୩ଘଣ୍ଟା ଧରି ଆଲୋଚ୍‌ନା ହୋଇଥିଲା । ବିରୋଧୀ ଦଳ ନେତା ଶ୍ରୀ ମିଶ୍ର ଏହି ହତ୍ୟା ପଛରେ ଷଡଯନ୍ତ୍ର ରହିଥିବା କହିବା ସହ କ୍ରାଇମବ୍ରାଂଚ୍ କାହିଁକି ହତ୍ୟା ପଛର କାରଣକୁ ଉଜାଗର କରୁନି । ତଦନ୍ତକୁ କେବଳ ଗୋପାଳ ଦାସଙ୍କ ମଧ୍ୟରେ ସୀମିତ ରଖି ବ୍ୟବସାୟିକ ଓ ରାଜନୀତିକ ଦିଗକୁ କାହିଁକି ବାଦ୍ ଦେଇଛି ବୋଲି ପ୍ରଶ୍ନ କରିଥିଲେ । ଏହାସହିତ ଯାଜପୁର ବିଧାୟକଙ୍କୁ ଏହି ମାମଲାରେ ତଦନ୍ତ ପରିସରଭୁକ୍ତ କରିବା ସହ ସିବିଆଇ ତଦନ୍ତ ଦାବି କରିଥିଲେ ।

ଫାଇଭ-ଟି, 'ମୋ ସରକାର' ଫେଲ୍ : ପଡିରହିଛି ଲୋକଙ୍କ ୩୫ହଜାରରୁ ଅଧିକ ଅଭିଯୋଗ

ଭୁବନେଶ୍ୱର,୨୩।୨(ପି.ଏନ): ଫାଇଭ-ଟି, ମୋ ସରକାର ଓ ଜନଶୁଣାଣି ଭଳି ଜନକେନ୍ଦ୍ରିକ ସଂସ୍କାର ଆଣି ସାଧାରଣ ଲୋକଙ୍କ ନିକଟରେ ପ୍ରଶାସନକୁ ପହଂଚାଇବାକୁ ରାଜ୍ୟ ସରକାର କରିଥିବା ଉଦ୍ୟମ ବାସ୍ତବରେ ଫେଲ୍ ମାରିଛି । ସାଧାରଣ ଲୋକଙ୍କଠୁ ମିଳିଥିବା ଅଭିଯୋଗର ପ୍ରାୟ ୩୫% ଏବେବି ସମାଧାନ ନହୋଇ ସରକାରୀସ୍ତରରେ ପଡିରହିଛି । ରାଜ୍ୟ ସରକାର ଫାଇଭ-ଟି ବ୍ୟବସ୍ଥାରେ ଟ୍ରାନ୍ସପରେନ୍ସି ଓ ଟାଇମ୍ ମ୍ୟାନେଜମେଂଟର କଥା କହୁଥିବାବେଳେ ସାଧାରଣ ଲୋକଙ୍କ ଅଭିଯୋଗ ଦୀର୍ଘଦିନ ଧରି ପଡି ରହିବା ପରୋକ୍ଷରେ ସାଧାରଣ ଲୋକଙ୍କ ପାଇଁ ଫାଇଭ-ଟି ବ୍ୟବସ୍ଥା ଉପହାସ ପାଲଟିଛି ।

କିଟ୍‌ରେ ଟାଇମ୍‌ସ ହାୟର ଏଜୁକେସନ୍ ଭାରତୀୟ ଫୋରମ୍‌ର ସମ୍ମିଳନୀ

ଶିକ୍ଷା ହେଉଛି ସାମାଜିକ ଉତ୍‌ଥାନର ଚାବିକାଠି: ପ୍ରଫେସର ଗଣେଶୀ ଲାଲ୍

ଭୁବନେଶ୍ୱର,(ପି.ଏନ): ଶିକ୍ଷା ହେଉଛି ସାମାଜିକ ଉତ୍‌ଥାନର ଚାବିକାଠ ବୋଲି ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି । ଆଜି କିଟ୍ ବିଶ୍ୱବିଦ୍ୟାଳୟ ଓ ଟାଇମ୍‌ସ ହାୟର ଏଜୁକେସନ୍ ଭାରତୀୟ ବିଶ୍ୱବିଦ୍ୟାଳୟ ଫୋରମ୍‌ର ମିଳିତ ଆନୁକୂଲ୍ୟରେ ଅପ୍‌ଟିମାଇଜିଂ ଲର୍ଣ୍ଣିଂ ଲ୍ୟାଣ୍ଡସ୍କେପ୍ ଉପରେ ଦିନିକିଆ ସମ୍ମିଳନୀକୁ ଉଦ୍‌ଘାଟନ କରି ରାଜ୍ୟପାଳ ପ୍ରଫେସର ଲାଲ୍ ଏହା କହିଛନ୍ତି । ମାନବକେନ୍ଦ୍ରିକ ବୈଶ୍ୱିକରଣ ଏବଂ ସଚେତନ କୈନ୍ଦ୍ରିକ ମାନବତା ହେଉଛି ଶିକ୍ଷାର ମୂଳ ଲକ୍ଷ୍ୟ । ସମସ୍ତଙ୍କ ଭିତରେ ଦୟା, କ୍ଷମା, ସହନଶୀଳତା, ପରୋପକାର ଆଦି ମାନବୀୟ ମୂଲ୍ୟବୋଧର ଉତ୍‌ଥାନ କରି ସମଗ୍ର ବିଶ୍ୱକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିପାରିଲେ ଶିକ୍ଷାର ପ୍ରକୃତ ଲକ୍ଷ୍ୟ ସାଧନ ହୋଇପାରିବ । ଏଥିପାଇଁ ଆମର ଶିକ୍ଷାନୁଷ୍ଠାନ ବିଶେଷକରି ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଜ୍ୟପାଳ କହିଥିଲେ । କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ବ୍ରିଟିଶ୍ କାଉନ୍‌ସିଲର ଭାରତ ନିର୍ଦ୍ଦେଶକ ଆଲିସନ୍ ବାରେଟ୍ ଶିକ୍ଷା କ୍ଷେତ୍ରରେ ସହଭାଗିତା, ଗବେଷଣା କ୍ଷେତ୍ରରେ ସହଭାଗିତାକୁ ପ୍ରୋତ୍ସାହନ ଏବଂ ଛାତ୍ର-ଅଧ୍ୟାପକ ବିନିମୟ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ସେ କିଟ୍‌ର ସାମାଜିକ ଦାୟିତ୍ୱବୋଧକୁ ପ୍ରଶଂସା କରି ଶିକ୍ଷା ମାଧ୍ୟମରେ ଓଡ଼ିଶାର ଗରିବ ଓ ଜନଜାତି ସମ୍ପ୍ରଦାୟର ସାମାଜିକ ଓ ଆର୍ଥିକ ବିକାଶ କ୍ଷେତ୍ରରେ କିଟ୍ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଲ୍ଲେଖନୀୟ ଭୂମିକା ରହିଆସିଛି ବୋଲି କହିଥିଲେ । ଟାଇମ୍‌ସ ହାୟର ଏଜୁକେସନ୍ ର୍ୟାଙ୍କିଙ୍ଗ୍ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକୁ ବିଶ୍ୱର ଅନ୍ୟ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ସହ ସହଭାଗିତା ଏବଂ ବିଶ୍ୱରେ ନିଜକୁ ପ୍ରଦର୍ଶନ କରିବାର ସୁଯୋଗ ସୃଷ୍ଟି କରିପାରିଛି ବୋଲି ଟାଇମ୍‌ସ ହାୟର ଏଜୁକେସନ୍ ବିଶ୍ୱ ବ୍ୟାପାର ମୁଖ୍ୟ ଫିଲ୍ ବାଟି କହିଥିଲେ । ଟାଇମ୍‌ସ ହାୟର ଏଜୁକେଶନ ସାମଗ୍ରିକ ର୍ୟାଙ୍କିଙ୍ଗ୍ ସର୍ଭେରେ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକର ଆଖିଦୃଶିଆ ଅଂଶଗ୍ରହଣ ହୋଇପାରିଛି । କିଟ୍ ବିଶ୍ୱବିଦ୍ୟାଳୟ କମ୍ ବର୍ଷର ବିଶ୍ୱବିଦ୍ୟାଳୟ ହୋଇଥିଲେ ମଧ୍ୟ ଏହା ଉଚ୍ଚତର ଶିକ୍ଷା କ୍ଷେତ୍ରରେ ଏକ ପ୍ରମୁଖ କେନ୍ଦ୍ର ହୋଇପାରିଛି । ଟାଇମ୍‌ସ ହାୟର ଏଜୁକେସନ୍ ଇମ୍ପାକ୍ଟ ର୍ୟାଙ୍କିଙ୍ଗ୍‌ରେ ଅସମାନତା ଦୂର କ୍ଷେତ୍ରରେ ସମଗ୍ର ବିଶ୍ୱରେ କିଟ୍ ବିଶ୍ୱବିଦ୍ୟାଳୟ ୮ମ ସ୍ଥାନରେ ରହିବା ଉଲ୍ଲେଖନୀୟ । କିଟ୍ ବିଶ୍ୱବିଦ୍ୟାଳୟ ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିବା ସହ ବିଶ୍ୱ ବିଶ୍ୱ ବିଦ୍ୟାଳୟ ର୍ୟାଙ୍କିଙ୍ଗ୍‌ରେ ଅଳ୍ପ କେତୋଟି ଭାରତୀୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଇପାରିଛି ବୋଲି ସେ କହିଥିଲେ । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ଦୟା ଓ ମାନବିକତା ଉପରେ ପର୍ଯ୍ୟବେସିତ କିଟ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ଦିନଠାରୁ ଗୁଣାତ୍ମକ ଶିକ୍ଷା, ଗବେଷଣା, ସହଭାଗିତା ଉପରେ ଗୁରୁତ୍ୱ ଦେଇଆସୁଥିବା ବେଳେ ଶିକ୍ଷା ମାଧ୍ୟମରେ ମୂଲ୍ୟବୋଧର ସଂସ୍କୃତି ସୃଷ୍ଟି କରିପାରିଛି । କିଟ୍ ଶିକ୍ଷା ମଡେଲ ସମସ୍ତଙ୍କ ପାଇଁ ସମାନ ଶିକ୍ଷା ଉପରେ ପର୍ଯ୍ୟବେସିତ । ଏଠାରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଶିକ୍ଷାରେ ଉତ୍କର୍ଷତା ପ୍ରତିପାଦନ କରିବା ନିମନ୍ତେ ସମାନ ସୁବିଧା, ସୁଯୋଗ ଯୋଗାଇ ଦିଆଯାଇଥାଏ । କେବଳ ଶିକ୍ଷା ନୁହେଁ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ସମସ୍ତଙ୍କ ପାଇଁ ଉତ୍କର୍ଷତା ପ୍ରତିପାଦନ ନିମନ୍ତେ କିଟ୍‌ରେ ପର୍ଯ୍ୟାପ୍ତ ସୁଯୋଗ ରହିଛି ବୋଲି ଶ୍ରୀ ସାମନ୍ତ କହିଥିଲେ । କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରି କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ କହିଲେ, ଜ୍ଞାନ ହେଉଛି ଜୀବନ । ଜ୍ଞାନକୁ ସମଗ୍ର ମାନବବାଦ ସହ ସଂଯୋଗ କରାଯାଇପାରେ । ସମସ୍ତ ମାନବିକ ମୂଲ୍ୟବୋଧ ସହ ଯୋଡ଼ିହୋଇ ରହିବା ପାଇଁ ଆମକୁ ଶିକ୍ଷା ସାହାଯ୍ୟ କରିଥାଏ ବୋଲି ପ୍ରଫେସର ସାମନ୍ତ କହିଥିଲେ । ଟାଇମ୍‌ସ ହାୟର ଏଜୁକେସନ୍ ର୍ୟାଙ୍କିଙ୍ଗ ବିଶ୍ୱରେ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ଶିକ୍ଷା, ଗବେଷଣା ଓ ଅନ୍ୟାନ୍ୟ କ୍ଷେତ୍ରରେ ସହଭାଗିତା ଓ ପ୍ରତିଯୋଗିତା ପାଇଁ ଏକ ଫୋରମ୍ ହୋଇପାରିଛି ବୋଲି ସେ କହିଥିଲେ । ଏହି ସମ୍ମିଳନୀରେ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, କୁଳସଚିବ, ଭାରତ ତଥା ବିଦେଶର ବହୁ ଶିକ୍ଷାବିତ୍, ଟାଇମ୍‌ସ ହାୟର ଏଜୁକେସନ୍‌ର ପ୍ରମୁଖ କର୍ମକର୍ତ୍ତା ଏବଂ ବ୍ରିଟିଶ୍ କାଉନ୍‌ସିଲ୍‌ର ବହୁ ଅଧିକାରୀ ଯୋଗଦେଇଥିଲେ ।

ଗୋପବନ୍ଧୁ ଥିଲେ ଯୁଗପୁରୁଷ, ତାଙ୍କ ସ୍ମୃତି ରକ୍ଷା ପାଇଁ ଯେତେ ଯାହା କଲେ ବି କମ୍ ହେବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୨(ପି.ଏନ): ଉତ୍କଳମଣିଙ୍କ ଜନ୍ମପୀଠ ସୁଆଣ୍ଡୋର ହୋଇଛି କାୟାକଳ୍ପ । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ସୁଆଣ୍ଡୋରେ ପଣ୍ଡିତ ଗୋପବନ୍ଧୁଙ୍କ ରୂପାନ୍ତରିତ ଜନ୍ମପୀଠକୁ ଲୋକାର୍ପିତ କରିଛନ୍ତି । ଗୋପବନ୍ଧୁଙ୍କ ଏକ ୧୫ ଫୁଟ ଉଚ୍ଚ ପୂର୍ଣ୍ଣ ଅବୟେବ ପ୍ରତିମୂର୍ତ୍ତୀ ଉନ୍ମୋଚନ କରିବା ସହିତ ବିକଶିତ ଶିବ ମନ୍ଦିର, ପୋଖରୀ, ମ୍ୟୁଜିୟମ ଓ ପୈତୃକ ବାସଗୃହର ଉଦ୍‌ଘାଟନ କରିଛନ୍ତି । ଏହାସହିତ ଜନ୍ମପୀଠକୁ ରାସ୍ତା, ପରିକ୍ରମା ରାସ୍ତା ଓ ଏକ ସୂଚନାକେନ୍ଦ୍ର ମଧ୍ୟ କରାଯାଇଛି ।ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗୋପବନ୍ଧୁ ଥିଲେ ଜଣେ ଯୁଗପୁରୁଷ । ଓଡିଆ ଜାତି ତାଙ୍କ ନିକଟରେ ସବୁବେଳେ ଋଣୀ । ତାଙ୍କ ସ୍ମୃତି ରକ୍ଷା ପାଇଁ ଯେତେ ଯାହା କଲେ ବି, କମ୍ ହେବ ।ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୫-ଟି ଉପକ୍ରମରେ ଓଡିଶାର ବରପୁତ୍ର ମାନଙ୍କ ଜନ୍ମପୀଠର ବିକାଶ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଉତ୍କଳ ଗୌରବ ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ସହିଦ ଲକ୍ଷ୍ମଣ ନାୟକ ଏବଂ ଆହୁରି ଅନେକ ମହାପୁରୁଷଙ୍କ ତ୍ୟାଗ ଓ ସାଧନା ଓଡିଶାର ଗୌରବ ବଢାଇଛି ବୋଲି ସେ କହିଥିଲେ ।ଗୋପବନ୍ଧୁଙ୍କ ସ୍ମୃତି ଚାରଣ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଉତ୍କଳମଣି ଥିଲେ ମାନବ ସମାଜର ମଣି । ତାଙ୍କ ତ୍ୟାଗ, ଦେଶଭକ୍ତି, ସେବା ଓ ଜାତିପ୍ରୀତିର ତୁଳନା ନାହିଁ । ସ୍ୱାଧୀନତା ସଂଗ୍ରାମରୁ ଆରମ୍ଭ କରି ଓଡିଶାର ଶିକ୍ଷା, ସାହିତ୍ୟ ସଂସ୍କୃତି, ରାଜନୀତି, ସେବା ଓ ମାନବିକତାର ନୂଆ କିର୍ତ୍ତୀ ସ୍ଥାପନ କରିଯାଇଛନ୍ତି । ଓଡିଶାରେ ଜାତୀୟବାଦୀ ଚେତନାର ବିକାଶରେ ସେ ଥିଲେ କର୍ଣ୍ଣଧାର । ଭୋଗ ନୁହେଁ, ତ୍ୟାଗ ହିଁ ମହାନ, ସେବା ହିଁ ଶ୍ରେଷ୍ଠ - ଏହା ହିଁ ହେଉଛି ଗୋପବନ୍ଧୁଙ୍କ ଜୀବନର ବାର୍ତ୍ତା । ସେ ସବୁବେଳେ ଆମ ପାଇଁ ପ୍ରେରଣା ହୋଇ ରହିଛନ୍ତି ଓ ରହିବେ । ଗୋପବନ୍ଧୁଙ୍କ 'ଭାର୍ଗବୀ ସଂକଳ୍ପ'କୁ ଜୀବନର ବ୍ରତ କରି ଏକ ନୂଆ ଓ ସଶକ୍ତ ଓଡିଶା ଗଠନ ପାଇଁ କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ ।ଗୋପବନ୍ଧୁଙ୍କ ଜନ୍ମ ମାଟିର ବିକାଶ ରେ ମୁଖ୍ୟମନ୍ତ୍ରୀ ଏଥିପାଇଁ ଉତ୍କଳମଣିଙ୍କ ପରିବାର ଓ ସୁଆଣ୍ଡୋଙ୍କ ଜନସାଧାରଣଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ । ଏହାସହିତ ରାଜ୍ୟ ସଂସ୍କୃତି ବିଭାଗ ଓ ପୁରୀ ଜିଲ୍ଲା ପ୍ରଶାସନକୁ ମଧ୍ୟ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇ ଗୋପବନ୍ଧୁଙ୍କ ନାତି ଧିରେନ୍ଦ୍ର କୁମାର ଦାସ, ଉତ୍କଳମଣିଙ୍କ ଜନ୍ମପୀଠର ରୂପାନ୍ତର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ । ଏହାଦ୍ୱାରା ରାଜ୍ୟରେ ମହାପୁରୁଷ ମାନଙ୍କ ମାର୍ଗରେ ଚାଲିବାକୁ ଜନସାଧାରଣ ପ୍ରେରିତ ହେବେ ବୋଲି ସେ କହିଥିଲେ ।କାର୍ଯ୍ୟକ୍ରମରେ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ର

ଟି ଟାଇମ୍

ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଟେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଭଳି ଭାବେ ତାଙ୍କର ଶେଷ କୃତଜ୍ଞ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତଜ୍ଞ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତଜ୍ଞ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର

ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେଙ୍କ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

ପୁରାଣ କାହାଣୀ

ମନ୍ଥରାଙ୍କ କୁମନ୍ତ୍ରଣା

ରାମଙ୍କ ଶିବଧୁନ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶ୍ରୁତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। ୀରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଟା

ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଟା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ର ନାଟ୍ୟମ ଆନ୍ଧ୍ରପ୍ରଦେଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଟା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଥାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଟା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି ।

ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉଙ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଡି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବାନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

ଆଜିର ଭାଗ୍ୟ

ମେଷ
କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

ବୃଷ
ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

ମିଥୁନ
କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

କର୍କଟ
ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

ସିଂହ
ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

କନ୍ୟା
ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

ତୁଳା
ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

ବିଛା
ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

ଧନୁ
ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

ମକର
କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

କୁମ୍ଭ
ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

ମୀନ
କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିଷୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହିଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜେନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥିବା ହ୍ରିତିକ।

'କଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ୍ନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ

ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକ

ସାହିତ୍ୟ ସୃଷ୍ଟି ଓ ଆମର ଦାୟିତ୍ୱ

ସାହିତ୍ୟ ହେଉଛି ଜାତୀୟ ଜୀବନର ମୃତ୍ୟୁ ସଞ୍ଜିବନୀ। ମାନବ ଇତିହାସର ସୁଦୀର୍ଘ ପରମ୍ପରାରେ ସାହିତ୍ୟ ହିଁ ତାର ସର୍ବଶ୍ରେଷ୍ଠ ସମ୍ପତ୍ତି। ସଭ୍ୟତା ଓ ସଂସ୍କୃତିର ଉତ୍କର୍ଷ ସାହିତ୍ୟକୁ ନେଇ କଳନା କରାଯାଏ। ସାହିତ୍ୟ ହିଁ ସମାଜକୁ ପ୍ରଗତି ପଥରେ ଆଗେଇନେବା ପାଇଁ ଆଲୋକବର୍ତ୍ତିକା ଓ ଅବକ୍ଷୟୀ ସମାଜକୁ ଉଦ୍ଧାର କରିବା ନିମନ୍ତେ ରକ୍ଷାକବଚ ସଦୃଶ। ଏକଦା ଉତ୍କଳମଣି ଗୋପବନ୍ଧୁଙ୍କ ବାଣୀ- "ଜୀବନ ଥିବା ଯାଏଁ ପାତିବା ନାହିଁ ହାତ, ମଣିଷ ପରି ଦିନେ ମଣିଷ ହୋଇବାତ" ଝଙ୍କୃତ ହୋଇଥିଲା ସତ୍ୟବାଦୀର ବକୁଳବନରେ, ଛୁରାଅନା କୁଞ୍ଜରେ। ସେଠି ନଥିଲା ଆକର୍ଷଣୀୟ ତ୍ରିତଳ ପ୍ରାସାଦ, ନଥିଲା ସୌଖୀନ ଟେବୁଲ ଚେୟାର, ଆରାମଦାୟକ ଛାତ୍ରାବାସ ବା ବିରାଟ ପାଠାଗାର। କେବଳ ଥିଲା ସୁଷମାମଣ୍ଡିତ ସବୁଜ ବନାନୀ, ଶାନ୍ତ, ଶୀତଳ, ନିର୍ମଳ ପରିବେଶ ଓ ଥିଲେ କିଛି ଆଦର୍ଶ ଶିକ୍ଷକ। ଆଜି ଛାତ୍ରସମାଜ ବିଶୃଙ୍ଖଳିତ, ପରିବେଶ ପ୍ରଦୂଷିତ, ଶିକ୍ଷକମାନଙ୍କ ପାଖରୁ ହଜିଯାଇଛି ସେତେବେଳର ଆଦର୍ଶ, ତ୍ୟାଗ। ଭାଷାର ଭବିଷ୍ୟତ ମଧ୍ୟ ଦୋଦୁଲ୍ୟମାନ ଅବସ୍ଥାରେ। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ମାନବ ସମାଜର ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ବିକାଶ ପାଇଁ ଏକମାତ୍ର ମହୌଷଧି ହେଲା ସତ୍ ସାହିତ୍ୟର ସୃଷ୍ଟି, ପଠନ, ପ୍ରସାର ଓ ପ୍ରୟୋଗ। ଜୀବନକୁ ସଜାଡ଼ିଦିଏ ସାହିତ୍ୟ, ସାହିତ୍ୟ ଭରିଦିଏ ଜୀବନରେ ରୂପ, ରସ, ରଙ୍ଗ ଓ ସୌରଭ। ଏ ସମ୍ବନ୍ଧରେ ଛୋଟ କାହାଣୀଟିଏ।

"ବସନ୍ତର ମୃଦୁ ମଳୟ। ଜଣେ ଅନ୍ଧ ଭିକାରୀ ରାସ୍ତା ଉପରେ ବସିଥିଲେ। ପାଦ ପାଖରେ ଥୁଆ ହୋଇଥିଲା ଟୋପିଟେ। ସାମ୍ନାରେ ଛୋଟିଆ ବୋର୍ଡ଼ରେ ଲେଖା ହୋଇଥିଲା-ମୁଁ କିଛି ଦେଖିପାରୁନି।

ସେ ଟୋପିରେ ଅଳ୍ପ କିଛି ଖୁଚୁରା ପଇସା ପଡ଼ିଥିଲା।

ଏଇ ସମୟରେ ଜଣେ ଲେଖକ ଚିନ୍ତିତ ଅବସ୍ଥାରେ ସେ ରାସ୍ତାରେ ଯାଉଥିଲେ। ସେ ସବୁ ଦୃଶ୍ୟ ଦେଖିଲେ। ସେ ଟୋପିରେ ଆଉ ଅଳ୍ପକିଛି ଖୁଚୁରା ପକେଇଲେ ଏବଂ ବୋର୍ଡ଼ରେ ଲେଖାହୋଇଥିବା ଶବ୍ଦ ବଦଳେଇ ଦେଇ ଚାଲିଗଲେ।

ସଂଜକୁ ସେ ଫେରିଲେ ଓ ଦେଖିଲେ ଟୋପିଟି ଖୁଚୁରା ପଇସାରେ ଭର୍ତ୍ତି ହୋଇଯାଇଛି।

ଭିକାରୀ ଜଣକ ପଚାରିଲା-ଆପଣ ସେଇ ମଣିଷ ଯିଏ ଲେଖା ବଦଳେଇ ଦେଇ ଯାଇଥିଲେ?

ଉତ୍ତର ଆସିଲା - ହଁ।

- କଣ ଲେଖିଥିଲେ ଆପଣ?

- ମୁଁ ଖାଲି ଶବ୍ଦ ମିଶେଇଥିଲି। ତୁମେ ଲେଖିଥିଲ ମୁଁ କିଛି ଦେଖିପାରୁନି। ମୁଁ ପରିବର୍ତ୍ତନ କରି ଲେଖିଲି - ଏ ସୁନ୍ଦର ବସନ୍ତ ଋତୁକୁ ମୁଁ ଦେଖିପାରୁନି। ବାସ୍।"

ଏ ସଂସାରରେ ସବୁଠାରୁ ସତ୍ୟନିଷ୍ଠ, ନିର୍ଭୀକ ଓ ସମାଜ ସଂସ୍କାରକ ଯଦି କିଏ ଥାଏ, ସିଏ ହେଲା ସାହିତ୍ୟିକଟିଏ, କବିଟିଏ। ସେଥିପାଇଁ କୁହାଯାଇଛି, "ଅପାରେ କାବ୍ୟ ସଂସାରେ, କବିରେ ପ୍ରଜାପତିଃ"। ମୁଁ ଅନୁଭବ କରିପାରୁଛି ପିଲାମାନଙ୍କ ଦ୍ୱାରା ପ୍ରଦତ୍ତ ଓ ପତ୍ରିକାରେ ପ୍ରକାଶିତ ଲେଖାଗୁଡ଼ିକର ମାନ ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗୁଛି। ପିଲାମାନଙ୍କ ଭିତରେ ଏହି ଲେଖାଲେଖି କରିବାର କଳାଟି ସଦା ଜାଗ୍ରତ ହୋଇ ରହିବା ଆବଶ୍ୟକ। ଗୋଟିଏ ଦୁଇଟି ଲେଖାରେ ସନ୍ତୁଷ୍ଟ ହୋଇଗଲେ ଆଉ ଆଗକୁ ବଢ଼ିବାର ସ୍ପୃହା ଆସିବ କୁଆଡୁ? ମହାତ୍ମାଗାନ୍ଧୀ କହିଥିଲେ- "Satisfaction lies inthe effort, not in the attainment. Full effort is full victory."

ସ୍ୱାମୀ ବିବେକାନନ୍ଦ ଚିକାଗୋ ବିଶ୍ୱ ଧର୍ମ ସମ୍ମିଳନୀରେ କହିଥିଲେ, "ଗୋଟିଏ କୂଅରେ ଛୋଟ ବେଙ୍ଗଟିଏ ରହୁଥିଲା। ସେ ସେଠାରେ ଜନ୍ମହୋଇ ବଢ଼ିଥିଲା। କୂଅପାଣିରେ ଜୀବାଣୁ, କୀଟ ଆଦି ଭକ୍ଷଣ କରି ବେଙ୍ଗଟି ଆରାମରେ ମୋଟା ହୋଇ ବଢ଼ିଥିଲା। ଦିନେ ହଠାତ୍ ଆଉ ଗୋଟିଏ ବେଙ୍ଗ ଆସି କୂଅରେ ପଡ଼ିଗଲା। ଏହି ବେଙ୍ଗଟି ସମୁଦ୍ରରୁ ଆସିଥିଲା। ପ୍ରଥମ ବେଙ୍ଗଟି ଦ୍ୱିତୀୟ ବେଙ୍ଗକୁ ପଚାରିଲା - ତୁମେ କେଉଁଠାରୁ ଆସିଛ? ଦ୍ୱିତୀୟ ବେଙ୍ଗଟି କହିଲା - ମୁଁ ସମୁଦ୍ରରୁ ଆସିଛି। ପ୍ରଥମ ବେଙ୍ଗଟି କହିଲା-ସମୁଦ୍ର, ସେଇଟା କ'ଣ? ଆମର ଏଇ କୂଅଠାରୁ ମଧ୍ୟ ବଡ଼ କି? ଏହା କହି ପ୍ରଥମ ବେଙ୍ଗଟି କୂଅର ଗୋଟିଏ ପାଖରୁ ଆର ପାଖକୁ ଡେଇଁପଡ଼ି ପଚାରିଲା-ତମର ସମୁଦ୍ର କ'ଣ ଆମର ଏତେବଡ଼ କୂଅଠୁ ଆହୁରି ବଡ଼? ସମୁଦ୍ର ବେଙ୍ଗଟି ହସିଦେଇ କହିଲା-ତୁମେ କ'ଣ କହୁଛ? ଏହି ଛୋଟିଆ କୂଅଟିକୁ ସମୁଦ୍ର ସଙ୍ଗେ କିପରି ତୁଳନା କରୁଛ? ଏଇଟା ପାଗଳାମୀ ଛଡ଼ା କିଛି ନୁହେଁ। ଏଥିରେ କୂପ ମଣ୍ଡୁକ ରାଗିଯାଇ କହିଲା-ଏହି ବେଙ୍ଗଟା ମିଥ୍ୟାବାଦୀ। ଆମର କୂଅଠାରୁ କିଛି ବଡ଼ ହୋଇପାରିବ ନାହିଁ। ଏହି ମିଥ୍ୟାବାଦୀ ବେଙ୍ଗକୁ ଚାଲ ବାହାର କରି ତଡ଼ିଦେବା।

ତା'ପରେ ସ୍ୱାମିଜୀ କହିଲେ - ଏହା ହେଉଛି ଆମର ସମସ୍ୟା। ମୁଁ ଜଣେ ହିନ୍ଦୁ। ମୁଁ ମୋର ଛୋଟିଆ କୂଅଟିରେ ବସି ଭାବୁଛି ସେଇଟା ହିଁ ସମଗ୍ର ପୃଥିବୀ। ଜଣେ ମୁସଲମାନ ତାର ମୁସଲମାନ କୂଅରେ ବସି ଭାବୁଛି ଯେ ତାର କୂଅଟି ହିଁ ସମଗ୍ର ପୃଥିବୀ। ତା'ପରେ ସ୍ୱାମିଜୀ ତାଙ୍କର ବଜ୍ରଗମ୍ଭୀର ସ୍ୱରରେ ଆମେରିକାବାସୀଙ୍କୁ ଧନ୍ୟବାଦ ଜଣାଇ କହିଲେ ଯେ ଏହିପ୍ରକାର ସୀମିତ, ସଂକୀର୍ଣ୍ଣ ମନୋଭାବର ଊର୍ଦ୍ଧ୍ୱକୁ ଯାଇ ଆମେ ସମସ୍ତେ ଅନନ୍ତ ପରମେଶ୍ୱରଙ୍କ ପ୍ରେମରେ ବୁଡ଼ିଯାଇ ସବୁପ୍ରକାର ବିଭେଦତା, ବିଭିନ୍ନତାକୁ ଭାଙ୍ଗିଦେଇ ଏକ ମହାନ୍ ଆଧ୍ୟାତ୍ମିକ ସ୍ରୋତରେ ମିଳିତ ହୋଇ ଭଗବାନଙ୍କ ନିକଟକୁ ଆଗେଇ ଚାଲିବା। ସମଗ୍ର ମାନବ ସମାଜକୁ ସୁଖ, ଶାନ୍ତି ଏବଂ ସହାବସ୍ଥାନରେ ରହିବା ପାଇଁ ପ୍ରଭୁ ନିଶ୍ଚୟ ସାହାଯ୍ୟ କରିବେ।"

ଠିକ୍ ସେହିପରି ସାମ୍ପ୍ରତିକ ସମାଜର ଲେଖକ, ଲେଖିକାମାନେ ସାହିତ୍ୟ ଭଣ୍ଡାରରେ ଭରପୂର ଥିବା ଲେଖାଗୁଡ଼ିକ ଭିତରୁ ବାଛି ବାଛି ଭଲ ଲେଖାଗୁଡ଼ିକୁ ପଢ଼ିବା, ତାର ସାରାଂଶକୁ ଗ୍ରହଣ କରିବା ଓ ପ୍ରଶଂସା କରିବା ଅତ୍ୟାବଶ୍ୟକ। ଏହା ସାହିତ୍ୟିକ ବନ୍ଧୁଙ୍କୁ ବହୁମାତ୍ରାରେ ପ୍ରଭାବିତ କରିଥାଏ ଓ ତାଙ୍କ ଲେଖନୀକୁ ଆହୁରି ଶକ୍ତ ଓ ସମୃଦ୍ଧ କରିଥାଏ।

ବିକ୍ରମାଦିତ୍ୟଙ୍କ ରାଜସଭାରେ ଶ୍ରେଷ୍ଠ ପଣ୍ଡିତ କାଳିଦାସ ଥରେ ଦକ୍ଷିଣ ଭାରତ ଭ୍ରମଣରେ ଯାଇ କର୍ଣ୍ଣାଟକ ରାଜ୍ୟରେ ଉପସ୍ଥିତ ହେଲେ। କର୍ଣ୍ଣାଟକ ରାଜା ତାଙ୍କୁ ଯଥାରୀତି ଆଦର ଅଭ୍ୟର୍ଥନା ସହକାରେ ରଖିଲେ। ସେଦିନ ସନ୍ଧ୍ୟାରେ ସେଠାକାର ପ୍ରଖ୍ୟାତ କବି ବଲ୍ଲନ କାଳିଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରନ୍ତେ କାଳିଦାସ ତାଙ୍କୁ କବିତା ରଚନାର ପଦ୍ଧତି ଶିଖାଇଦେବା ନିମନ୍ତେ ବିନମ୍ର ନିବେଦନ କଲେ। ବଲ୍ଲନ କହିଲେ କବିତାରେ ସାଧାରଣତଃ ଚାରୋଟି ଚରଣ ଥାଏ, କିଛି ରସ ଥାଏ, ଏକ ବା ଏକାଧିକ କ୍ରିୟାପଦ ଥାଏ। କାଳିଦାସ ତତ୍କ୍ଷଣାତ୍ ଉତ୍ତର ଦେଲେ ମୁଁ ଗୋଟିଏ କବିତା ରଚନା କରୁଛି। ପରୀକ୍ଷା କରି ଦେଖନ୍ତୁ। ମୋ କବିତାଟି ହେଲା 'ଦୁଗ୍ଧଂ ପିବତି ବିଡ଼ାଳଃ।' ବଲ୍ଲନ ପଚାରିଲେ ଏହା କବିତା ହେଲା କିପରି? କାଳିଦାସ ଉତ୍ତର ଦେଲେ ଆପଣଙ୍କ ଫର୍ମୁଲା ଅନୁସାରେ ସବୁପ୍ରକାର ମସଲା ଦେଇ କବିତା ରଚନା କରାଯାଇଛି। ମୋ କବିତାର ଅର୍ଥ ହେଲା ବିଲେଇ କ୍ଷୀର ପିଉଛି। ବିଲେଇର ଚାରୋଟି ଚରଣ ଅଛି। ଦୁଗ୍ଧ ହେଲା ଏକ ରସ। 'ପିବତି' ହେଲା କ୍ରିୟାପଦ। ଠିକ୍ ଅଛି ତ? ବଲ୍ଲନ ଦେଖିଲେ ଏହି ପ୍ରତ୍ୟୁତ୍ପନ୍ନମତି ମହାକବିଙ୍କ ବିଷୟରେ ସେ ଯାହାସବୁ ଶୁଣିଥିଲେ ସେସବୁ ନିରାଟ ସତ୍ୟ। ସେ ଅଧିକ ଯୁକ୍ତିତର୍କ ନ କରି ସେଠାରୁ ପଳାୟନ କଲେ।

ଏହି ଗଳ୍ପଟି ଏଠାରେ ବର୍ଣ୍ଣନା କରାଯିବାର ଉଦ୍ଦେଶ୍ୟ ହେଲା, ପିଲାମାନେ ଅନେକ ଭାବିଚିନ୍ତି ଅନେକ ଗଳ୍ପ, କବିତା, ପ୍ରବନ୍ଧ ଆଦି ପଢ଼ି ଧୀରେ ଧୀରେ ଉତ୍କୃଷ୍ଟ ମାନର ସାହିତ୍ୟ ସୃଷ୍ଟି କରିବାକୁ ଚେଷ୍ଟା କରନ୍ତୁ। ସାହିତ୍ୟକୁ, କଳାକୁ ଭଲ ପାଉଥିବା ମଣିଷଟିଏ ସବୁବେଳେ ଗୋଟିଏ ସତ୍ ମଣିଷ। ସେ କେବେ ବିଶୃଙ୍ଖଳିତ ହୋଇପାରେନା। ଆସନ୍ତୁ ସମସ୍ତେ ମିଶି ଆମ ମହାବିଦ୍ୟାଳୟକୁ ସଜାଡ଼ିଦେବା, ଆମ ସାହିତ୍ୟକୁ, ଆମ ମାତୃଭାଷାକୁ ଓ ଆମ ମାତୃଭୂମିକୁ ପ୍ରାଣଭରି ଭଲ ପାଇବା।

ଆଜି 'ପ୍ରିୟମ୍ବଦା' ପ୍ରକାଶ ପାଇବା ଅବସରରେ ମୁଁ ପ୍ରଥମେ ସମ୍ପାଦନା ମଣ୍ଡଳୀକୁ ସେମାନଙ୍କର ପୂର୍ଣ୍ଣ ସହଯୋଗ ପାଇଁ କୃତଜ୍ଞତା ଜଣାଉଛି। ସର୍ବୋପରି ଅଧ୍ୟକ୍ଷ ମହୋଦୟଙ୍କ ପ୍ରେରଣା ଓ ସମସ୍ତ ଛାତ୍ରଛାତ୍ରୀଙ୍କ ଉତ୍ସାହ ତଥା ପ୍ରେସ୍‌ର କର୍ମଚାରୀଙ୍କ ସହଯୋଗ ଲାଗି ସେମାନଙ୍କୁ ମଧ୍ୟ କୃତଜ୍ଞତା ଜ୍ଞାପନ କରୁଛି। ଏହି ପତ୍ରିକାଟିକୁ ଋଦ୍ଧିମନ୍ତ କରିବା ପାଇଁ ଯେଉଁ ମହାନ୍ ବ୍ୟକ୍ତିବିଶେଷ ବାର୍ତ୍ତା ମାଧ୍ୟମରେ ଶୁଭେଚ୍ଛାର ହାତ ବଢ଼ାଇଛନ୍ତି, ସେମାନଙ୍କୁ ମୁଁ ମହାବିଦ୍ୟାଳୟ ତରଫରୁ ଗଭୀର କୃତଜ୍ଞତା ଜ୍ଞାପନ କରୁଛି। ତ୍ରୁଟିହୀନ ସୃଷ୍ଟି ବିରଳ। ଯଦି ଅଜାଣତରେ କେଉଁଠି କିଛି ତ୍ରୁଟି ରହିଯାଇଥାଏ, ମୋର ଅନୁରୋଧ, ସେଥିପାଇଁ ପାଠକବନ୍ଧୁ ବିନମ୍ରତାର ସହ କ୍ଷମା କରିବେ। ପରିଶେଷରେ ଏ ମହାବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ନମସ୍କାର!

—ଡ. ପ୍ରତିଭା ମହାରଥୀ
ଅଧ୍ୟାପିକା, ମନସ୍ତତ୍ତ୍ୱ ବିଭାଗ

ବୁଝୁ ନବୁଝୁ ପଢ଼ ଗୀତା, ରୁଚୁ ନ ରୁଚୁ ଖା' ପିତା !

ପ୍ରଦୀପ୍ତ କୁମାର ଜେନା

ଶ୍ରୀମଦ୍ ଭଗବତ୍ ଗୀତା ଭଗବାନଙ୍କ ମୁଖନିଃସୃତ ବାଣୀ। ବ୍ୟାସଦେବଙ୍କ ରଚିତ ସଂସ୍କୃତ ମହାଭାରତ ଭୀଷ୍ମପର୍ବର ଅଂଶବିଶେଷ। ଏହାକୁ ଗୀତ ଆକାରରେ ରଚନା କରାଯାଇଥିବାରୁ ଗୀତୋପନିଷଦ ବୋଲି ମଧ୍ୟ କୁହାଯାଏ। ଭଗବତ୍ ଗୀତା ସମସ୍ତ ବେଦ, ଉପନିଷଦର ସାରନିର୍ଯ୍ୟାସ। ମହାଭାରତ ଯୁଦ୍ଧର ଅବ୍ୟବହିତ ପୂର୍ବରୁ ଅର୍ଜୁନ ତାଙ୍କ ପ୍ରତିପକ୍ଷ ଯୋଦ୍ଧାମାନଙ୍କ ଭିତରେ ଗୁରୁ ଦ୍ରୋଣାଚାର୍ଯ୍ୟ, ପିତାମହ ଭୀଷ୍ମ ଏବଂ ତାଙ୍କର ବନ୍ଧୁ ଓ ପ୍ରିୟଜନମାନଙ୍କୁ ଦେଖିବା ପରେ ସେ ବିଷାଦିତ ଓ ମୋହଗ୍ରସ୍ତ ହୋଇପଡିଛନ୍ତି। ତାଙ୍କ ଭିତରେ ଦୁର୍ବଳତା ଦେଖାଦେଇଛି ଓ ସେ ନିଜର କର୍ତ୍ତବ୍ୟରୁ ଓହରି ଆସି ଯୁଦ୍ଧ ନକରିବା ଉଦ୍ଦେଶ୍ୟରେ ଗାଣ୍ଡିବକୁ ତଳେ ଥୋଇ ଦେଇଛନ୍ତି। ଭଗବାନ କର୍ତ୍ତବ୍ୟଚ୍ୟୁତ ଅର୍ଜୁନଙ୍କ ମନରେ ଥିବା ଭୟ, ଭ୍ରମ ଓ ଉଙ୍କି ମାରୁଥିବା ସମସ୍ତ ପ୍ରଶ୍ନର ଉତ୍ତର ଦେଇ, ଏପରିକି ତାଙ୍କର ଧର୍ମ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରାଇ ପୁନଃ ଯୁଦ୍ଧ ପାଇଁ ପ୍ରସ୍ତୁତ କରାଇଥିଲେ। ଭଗବାନ ଓ ଅର୍ଜୁନଙ୍କ କଥୋପକଥନକୁ ବ୍ୟାସଦେବ ୧୮ଟି ଅଧ୍ୟାୟରେ ଭୀଷ୍ମପର୍ବରେ ସ୍ଥାନିତ କରିଛନ୍ତି; ଯାହାକୁ ଭଗ୍‌ବତ ଗୀତା କୁହାଯାଏ। ଜୀବ ଏହି ସଂସାରରୂପକ ମାୟବନ୍ଧନରୁ କିଭଳି ମୁକ୍ତି ପାଇବ, ତାହାର କ'ଣ କରିବା ଉଚିତ ଓ କ'ଣ ଅନୁଚିତ୍ ସେ ଭଗବାନଙ୍କ ପାଖରୁ ଜାଣିବାକୁ ଇଚ୍ଛା କରିଛି। ସେଥିପାଇଁ ଗୀତା ପ୍ରତ୍ୟେକ ମଣିଷ ପାଇଁ ଏକ ଅମୂଲ୍ୟ ରତ୍ନ। ଯୁଦ୍ଧ ହେବାର ୧୦ ଦିନ ପରେ ଯେତେବେଳେ ପିତାମହ ଭୀଷ୍ମ ଶରଶଯ୍ୟାରେ ଯୁଦ୍ଧକ୍ଷେତ୍ରରେ ଶୋଇଯାଇଛନ୍ତି ଓ କୌରବ ମାନଙ୍କର ଯୁଦ୍ଧରେ ଜୟଲାଭ କରିବାର ଆଶା ମଉଳିଯାଇଛି, ସେହି ସମୟରେ ସଞ୍ଜୟ ନିଜର ଦିବ୍ୟଦୃଷ୍ଟି ବଳରେ ଯୁଦ୍ଧକ୍ଷେତ୍ରର ସମସ୍ତ ବିବରଣୀ ଧୃତରାଷ୍ଟ୍ରଙ୍କ ନିକଟରେ ବର୍ଣ୍ଣନା କରିଛନ୍ତି। ଏହା ଏକ ପବିତ୍ର ଧର୍ମଗ୍ରନ୍ଥ ଓ ସମଗ୍ର ମାନବଜାତିର ସମ୍ବିଧାନ। ଏହାକୁ ଏକ ଆଧ୍ୟାତ୍ମିକ ବିଜ୍ଞାନ କୁହାଯାଏ। ଭଗବାନ ଅର୍ଜୁନ ମାଧ୍ୟମରେ ସମଗ୍ର ଜୀବଜଗତକୁ ଏକ ଶୃଙ୍ଖଳିତ ନୀତିନିଷ୍ଠ ଜୀବନଯାପନ କରିବା ସହିତ ମନୁଷ୍ୟ ଜୀବନର ଉଦ୍ଦେଶ୍ୟ ଓ

କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଛନ୍ତି। ଜୀବ ଭଗବାନଙ୍କ ଅଂଶବିଶେଷ। ଭଗବାନ ପ୍ରତ୍ୟେକ ଜୀବ ଭିତରେ ଆତ୍ମା ରୂପରେ ଅବସ୍ଥାନ କରୁଛନ୍ତି। ଜୀବର ଏକମାତ୍ର ଲକ୍ଷ୍ୟ ହେଉଛି ପରମାତ୍ମାଙ୍କ ସହିତ ଯୋଗହେବା। ଭଗବାନଙ୍କ ସହିତ ଯୋଗହେବା ପାଇଁ ମଣିଷ କ'ଣ କରିବା ଉଚିତ ଓ କ'ଣ ଅନୁଚିତ, ସେହି ଗୂଢତତ୍ତ୍ୱ ଗୀତାରେ ଭଗବାନ ପ୍ରତ୍ୟେକ ମଣିଷଙ୍କୁ ଅର୍ଜୁନ ମାଧ୍ୟମରେ ଉପଦେଶ ଦେଇଛନ୍ତି। ମଣିଷ ଯଦି ତା'ର କର୍ମ ଓ କର୍ତ୍ତବ୍ୟ ପ୍ରତି ସଚେତନ ନହୁଏ ସେ ବାରମ୍ବାର ଭିଭିନ୍ନ ଯୋନିରେ ଜନ୍ମ ନେଇ ମାୟା ବନ୍ଧନରେ ବାନ୍ଧି ହୋଇ ଦୁଃଖ ଯନ୍ତ୍ରଣା ଭିତରେ କାଳାତିପାତ କରିବ। ମଣିଷ ତା' ଜୀବନର ପ୍ରକୃତ ମୂଲ୍ୟ ବୁଝିବା ପାଇଁ, ସେ କିଏ ଓ ଏ ପୃଥିବୀକୁ କାହିଁକି ଆସିଛି, ତା'ର କ'ଣ କରିବା ଉଚିତ ଓ କ'ଣ ଅନୁଚିତ, ମୃତ୍ୟୁ ପରେ ସେ କୁଆଡେ ଯିବ, ତା'ର ପୁନର୍ଜନ୍ମ ଅଛି କି ନାହିଁ ଓ ସେ ତା'ର କର୍ମଫଳ ଭୋଗ କରିବ କି ନାହିଁ ଇତ୍ୟାଦି ଜାଣିବା ପାଇଁ ଗୀତାପାଠ କରିବା ଅତ୍ୟନ୍ତ ଜରୁରୀ। ପୁରୁଷକୁ ପୁରୁଷୋତ୍ତମ ହେବାରେ ଓ ମଣିଷରୁ ଦେବତା ହେବାକୁ ଗୀତା ପ୍ରେରଣା ଦେଇଥାଏ। ମନରେ ଏକାଗ୍ରତା, ଇନ୍ଦ୍ରିୟ ସଂଯମତା, ପ୍ରାଣାୟାମ, ବ୍ରହ୍ମଚର୍ଯ୍ୟ ପାଳନ, ଯୋଗାଭ୍ୟାସ, ସଦ୍‌ଗୁରୁ ଗ୍ରହଣ ଆଦି ଦିଗ ପ୍ରତି ଗୁରୁତ୍ୱ ଦେଲେ ଜଣେ ଛାତ୍ର ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିବା ସହିତ ପାଠପଢ଼ାରେ ମନୋନିବେଶ କରିପାରିବ। ସେ ତା'ର ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବ। ଭୌତିକ ଓ ଆଧ୍ୟାତ୍ମିକ ଶିକ୍ଷା ଫଳରେ ଜଣେ ଛାତ୍ର ଜଣେ ଭଲ ମଣିଷ ଭାବେ ନିଜକୁ ଗଢି ତୋଳିପାରିବ। ଖାଲି ଭଲ ଡାକ୍ତର କିମ୍ବା ଇଞ୍ଜିନିୟର ହେଲେ ଜଣେ ଭଲ ମଣିଷ ହୋଇପାରିବ ନାହିଁ। ଲାଡେନ ଜଣେ ଇଞ୍ଜିନିୟର ଥିଲା ଓ ୟାକୁବ ମେନନ୍ ଜଣେ ଚାଟାର୍ଡ ଆକାଉଣ୍ଟାଣ୍ଟ ଥିଲା। ହେଲେ ସେମାନେ ଆତଙ୍କବାଦୀ ଥିଲେ। ଆଧ୍ୟାତ୍ମିକ ଜ୍ଞାନ ବିନା ଜଣେ ଭଲ ମଣିଷ ହୋଇପାରିବ ନାହିଁ। ଏହି ଭବାର୍ଣ୍ଣବରୁ ଉଦ୍ଧାର ପାଇବା ପାଇଁ ଭଗବାନ ଗୀତାରେ ତିନିଗୋଟି ଉପାୟ ଯଥା: ଜ୍ଞାନଯୋଗ, କର୍ମଯୋଗ ଓ ଭକ୍ତିଯୋଗର ଅବତାରଣା କରିଛନ୍ତି। ଏହି ତିନିଗୋଟି ଉପାୟ ମଧ୍ୟରେ ଭଗବାନ ଭକ୍ତିଯୋଗକୁ ଶ୍ରେଷ୍ଠ ଯୋଗ ଭାବେ ବିବେଚନା କରିଛନ୍ତି। କଳିଯୁଗର ଅଳ୍ପାୟୁଷ ମାନବ ପକ୍ଷରେ ଜ୍ଞାନଯୋଗ ଓ କର୍ମଯୋଗ ଦ୍ୱାରା ଭଗବତ୍ ପ୍ରାପ୍ତି ସହଜ ଓ ସୁଗମ ନୁହେଁ। କେବଳ ନିଷ୍କାମ ବା ଐକାନ୍ତିକ ଭକ୍ତି ମାଧ୍ୟମରେ ଭଗବାନଙ୍କୁ ପାଇବା ସହଜ। ଆସନ୍ତୁ ଆମ୍ଭେ ନିଜକୁ ସେହି ପରମକାରୁଣିକ ଭଗବାନଙ୍କ ପାଦପଦ୍ମରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ସମର୍ପଣ କରିଦେବା। ସେ ନିଶ୍ଚିତ ଆମ୍ଭଙ୍କୁ ଏହି ଭବସାଗରରୁ ଉଦ୍ଧାର କରିବାର ମାର୍ଗ ଦର୍ଶନ କରିବେ।

-ଅବସରପ୍ରାପ୍ତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ,
କଲ୍ୟାଣୀନଗର, କଟକ,
ମୋ: ୮୨୪୯୨୮୧୫୬୭

ଉତ୍କଳମଣି ଓ ଗଣକବିଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର (ପିଏନ୍): ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ଉପଲକ୍ଷେ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଜନ୍ମଦିନ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ସେବା ଓ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ବୋଲି କହିବା ସହିତ ଭାଷା ସାହିତ୍ୟର ଉନ୍ନତି ପାଇଁ ଗଣକବିଙ୍କ ଅବଦାନକୁ ମନେପକାଇଥିଲେ। ମାଲ୍ୟାର୍ପଣ ସଭାରେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ସମ୍ମିଳନୀର ଉପ-ସଭାପତି ଡ. ସୁରେନ୍ଦ୍ର ମିଶ୍ର, ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ପ୍ରମୁଖ ବରପୁତ୍ରଙ୍କ ଗୁଣାବଳି ବର୍ଣ୍ଣନା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ନିମାଇଁ ଚରଣ ଦାସ, ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ସୁବ୍ରତ କୁମାର ମହାପାତ୍ର, ମହେଶ୍ୱର ବିଶ୍ୱାଳ, ପ୍ରତାପ କୁମାର ନନ୍ଦ, ଅକ୍ଷୟ କୁମାର ଜେଠୀ, ପ୍ରକାଶ କୁମାର ସାମଲ, ନିରଂଜନ ପାତ୍ର, ରଜନୀକାନ୍ତ ପରିଡା, ସୁଶାନ୍ତ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଫେବୃଆରୀ ୨୪

ରାଜେନ୍ଦ୍ର ନାରାୟଣ ସିଂହଦେଓ

ଡ଼ଃ.ଅରୁନ୍ଧତୀ ଦେବୀ

ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ଥିଲେ ରାଜାମାନଙ୍କ ମଧ୍ୟରେ ଜଣେ ସାଧାରଣ ମଣିଷ ଏବଂ ସାଧାରଣ ମଣିଷଙ୍କ ମଧ୍ୟରେ ଜଣେ ରାଜା। ସେ ଥିଲେ ଷଢ଼େଇକଳାର ଶେଷ ମହାରାଜା ଆଦିତ୍ୟ ପ୍ରତାପ ସିଂହଙ୍କର ତୃତୀୟ ସନ୍ତାନ। ସେ କ୍ଷମତାକୁ ହାତରେ ଧରି ଜନ୍ମ ହୋଇନଥିଲେ। ଘଟନାକ୍ରମେ କ୍ଷମତା, ତାଙ୍କ ହାତକୁ ଆସିଥିଲା। ତେଣୁ ସେ କ୍ଷମତା ପ୍ରତି ସର୍ବଦା ବୀତସ୍ପୃହ ରହୁଥିଲେ। ପାଟଣାର ମହାରାଜା ପୃଥ୍ୱୀରାଜ ସିଂହଦେଓ ନିଃସନ୍ତାନ ଥିବାରୁ ରାଜେନ୍ଦ୍ର ନାରାୟଣଙ୍କୁ ପୋଷ୍ୟ ପୁତ୍ର ଭାବେ ଗ୍ରହଣ କରିଥିଲେ ଏବଂ ସମୟକ୍ରମେ ସେ ରାଜସିଂହାସନ ଆରୋହଣ କରିଥିଲେ। ସେ ବିଳାସ ବ୍ୟସନରେ କାଳ ନକାଟି ପ୍ରଜାଙ୍କ ଉନ୍ନତି ପାଇଁ ସମୟ ଦେଇଥିଲେ। ତାଙ୍କ ଶାସନ କାଳରେ ରାଜ୍ୟର ବହୁ ଉନ୍ନତି ସାଧିତ ହୋଇଥିଲା। ସେ କୃଷିକୁ ଗୁରୁତ୍ୱ ଦେଉଥିଲେ। ଚାଷୀମାନଙ୍କୁ ଉନ୍ନତ ମାନର ବିହନ ଯୋଗାଣ ଠାରୁ ଆରମ୍ଭ କରି ଶସ୍ୟ ସଂରକ୍ଷଣ ପର୍ଯ୍ୟନ୍ତ ସବୁ କାର୍ଯ୍ୟରେ ରାଜକୀୟ ପୃଷ୍ଠପୋଷକତା, ସହଯୋଗ ମିଳୁଥିଲା। ତାଙ୍କ ଉଦ୍ୟମରେ ରାଜ୍ୟରେ ବୟନ ଶିଳ୍ପର ବିକାଶ ହୋଇଥିଲା। ଟିଟିଲାଗଡ଼ରେ ଚମଡ଼ା କାରଖାନା ବସିଥିଲା। ସେ ସମବାୟ ବ୍ୟାଙ୍କ ବ୍ୟବସ୍ଥାର ପ୍ରଚଳନ କରିଥିଲେ। ତାଙ୍କ ସମୟରେ ତିନିଶହରୁ ଅଧିକ ସମବାୟ ସଂସ୍ଥା କାର୍ଯ୍ୟ କରୁଥିଲା। ସେ ଡାକ୍ତରଖାନା ଖୋଲାଇଥିଲେ। ଶିକ୍ଷାର ପ୍ରସାର ପାଇଁ ପ୍ରତିଷ୍ଠା କରିଥିଲେ ରାଜେନ୍ଦ୍ର ମହାବିଦ୍ୟାଳୟ। ଗମନାଗମନ ସୁବିଧା ପାଇଁ ସଡ଼କ ପରିବହନ ସଂସ୍ଥା ଗଢ଼ିଥିଲେ। ବଲାଙ୍ଗୀର ସହରରେ ବିଦ୍ୟୁତ୍ ସଂଯୋଗ କରାଇଥିଲେ। ପରାଧୀନ ଭାରତରେ ପ୍ରଜାଙ୍କ ପାଇଁ ଏତେ ଏତେ ସୁବିଧା କରାଇଥିବା ଏହି କର୍ତ୍ତବ୍ୟନିଷ୍ଠ, ପ୍ରଜାବତ୍ସଳ ଓ ନିରାଡ଼ମ୍ବର ରାଜପୁରୁଷଙ୍କୁ ଯଥାର୍ଥରେ ରାଜର୍ଷି କୁହାଯାଇପାରେ। ଓଡ଼ିଶାର 'କ' ଶ୍ରେଣୀର ରାଜାଙ୍କ ମଧ୍ୟରେ ରାଜେନ୍ଦ୍ର ନାରାୟଣ ହିଁ ସର୍ବ ପ୍ରଥମେ ଦେଶୀୟ ରାଜ୍ୟ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷରିତ କରିଥିଲେ। ଓଡ଼ିଶା ସରକାରଙ୍କୁ କ୍ଷମତା ହସ୍ତାନ୍ତର ବେଳକୁ ବଲାଙ୍ଗୀର ରାଜକୋଷରେ ୫୨ ଲକ୍ଷ ଟଙ୍କା ଗଚ୍ଛିତ ଥିଲା। ସେ ଚାହିଁଥିଲେ, ଉକ୍ତ ଟଙ୍କା ହସ୍ତାନ୍ତର ନ କରି, ରଖିପାରିଥାଆନ୍ତେ। ଏଥିପାଇଁ ମଧ୍ୟ ତାଙ୍କୁ ପରାମର୍ଶ ଦିଆଯାଇଥିଲା। ତେବେ ସେ ତାହା ନକରି କହିଥିଲେ ଗଚ୍ଛିତ ଧନ ପ୍ରଜାଙ୍କର। ଏହା ଉପରେ ତାଙ୍କର ଅଧିକାର ନାହିଁ। ରାଜ୍ୟ ହସ୍ତାନ୍ତର ପରେ ରାଜେନ୍ଦ୍ର ନାରାୟଣ କୋଶଳୋତ୍କଳ ପ୍ରଜା ପରିଷଦ ନାମକ ରାଜନୈତିକ ଦଳ ଗଠନ କରିଥିଲେ। ଏହାର ନାମ ପରେ ବଦଳି ହୋଇଥିଲା ଗଣତନ୍ତ୍ର ପରିଷଦ। ଏହି ଦଳର ନୀତି ଆଦର୍ଶ ପ୍ରଚାର ପ୍ରସାର ପାଇଁ ସେ ପ୍ରକାଶ କରିଥିଲେ ସାପ୍ତାହିକ ଗଣତନ୍ତ୍ର। ପାଟଣା ଗେଜେଟ, ପାଟଣା ଦୀପିକା, ଚତୁରଙ୍ଗ ଆଦି ତାଙ୍କ ଦ୍ୱାରା ପ୍ରକାଶିତ ଅନ୍ୟ ସମ୍ବାଦପତ୍ର ଓ ପତ୍ରିକା। ୧୯୭୫ ଫେବୃଆରୀ ଆଜିର ଦିନରେ ମାତ୍ର ୬୨ ବର୍ଷ ବୟସରେ ରାଜେନ୍ଦ୍ର ନାରାୟଣଙ୍କ ଅକାଳ ବିୟୋଗ ଘଟିଥିଲା।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ଦୂରଭାଷ : ୯୯୩୭୧୭୨୮୧୦

ରାମରସାମୃତ ସିନ୍ଧୁ

ଡାକ୍ତର ଦିଲ୍ଲୀପ କୁମାର ମହାରଣା

ରାମାୟଣ କେବଳ ଭାରତୀୟ ଧର୍ମ ଦର୍ଶନର ମୂଳ ଉତ୍ସ ନୁହେଁ ବରଂ ଏହା ସମଗ୍ର ଭାରତୀୟ ସମସ୍ତ ଧର୍ମ ଦର୍ଶନ ଶାସ୍ତ୍ରର ପ୍ରଥମ ଉତ୍ସ। ଏହା ଆମର ରାଷ୍ଟ୍ରୀୟ ଗର୍ବ ଓ ରାଷ୍ଟ୍ରୀୟ ଚେତନା ପ୍ରଦାନକାରୀ। ଏହା ହିନ୍ଦୁ ସଂସ୍କୃତିର ସ୍ମାରକ ତଥା ବିସ୍ତୃତ ଆଦର୍ଶର ପରିଚାୟକ। ଭାରତୀୟ ଜନତାଙ୍କ ପାଇଁ ଏହା ସତେ ଯେପରି ଏକ ପ୍ରକାଶସ୍ତମ୍ଭ। ଅନ୍ଧାରିତ ଓ ଅଭୂତ ଅବସ୍ଥାରେ ହିନ୍ଦୁ ଜାତି ପ୍ରତି ଏହା ଉତ୍ସାହର ସ୍ରୋତ। ଏହା ଭ୍ରାତୃ ପ୍ରେମର ଅଲୌକିକ ଆଦର୍ଶ ଉପସ୍ଥାପନକାରୀ। ଏହି ରାମାୟଣର ମହତ୍ତ୍ୱକୁ ଉତ୍ତମ ରୂପେ ହୃଦୟଙ୍ଗମ କରିପାରିଲେ ଆମ ସମାଜରେ ପିତାଙ୍କ ଆଜ୍ଞା ପାଳନ ଏକ ପତ୍ନୀବ୍ରତ, ଭ୍ରାତୃପ୍ରେମ, ସହଚର ମାନଙ୍କ ପାଇଁ ସମଭାବ, ପ୍ରଜାମାନଙ୍କ ମଙ୍ଗଳ କାମନା, ମାତୃଭୂମି ପ୍ରତି ପ୍ରେମ ଭକ୍ତମାନଙ୍କର ରକ୍ଷା ଓ ଦୁଷ୍ଟ ମାନଙ୍କ ଦମନ ଆଦି ଗୁଣମାନଙ୍କର କିଛି ଶିକ୍ଷା କରିପାରିବ। ଏ ଜାତି ହେବ ମହାନ ଏ ଦେଶର ସଂସ୍କୃତି ହେବ ଦିଗନ୍ତପ୍ରସାରୀ।

ଗଞ୍ଜାମବାସୀ କବି କାହ୍ନୁ ଦାସ ରାମରସାମୃତ ସିନ୍ଧୁ ନାମକ ଏକ ରାମ କାବ୍ୟ ରଚନା କରିଥିବା ଜଣାଯାଏ। ରାମାୟଣର କଥାବସ୍ତୁକୁ କବି ତାଙ୍କ କାବ୍ୟ ମଧ୍ୟରେ ବର୍ଣ୍ଣନା କରିଥିଲେ ମଧ୍ୟ ରାମନାମର ମାହାତ୍ମ୍ୟକୁ ଅତି ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି। ରାମ ଯେ କେବଳ ଏକ ଅବତାର ତାହା ନୁହେଁ ବରଂ କବିଙ୍କ ଦୃଷ୍ଟିରେ ସେ ସ୍ୱୟଂ ସମ୍ପୂର୍ଣ୍ଣ ବିଷ୍ଣୁ। ସେ ରାମ ନାମ ମଧ୍ୟରେ କବି ଭରି ନେଇଛନ୍ତି ମୁକ୍ତି ବା ମୋକ୍ଷର ଅମୃତ ବାରିଧାରା।

ପରବର୍ତ୍ତୀ କାଳରେ କାହ୍ନୁ କବି ଓ ଅନୁବାଦଗଣ ରାମକଥା ବିଷୟକ ଗ୍ରନ୍ଥାମନ ଅନୁବାଦ କରି ଓଡ଼ିଆ ରାମ ସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି। ସେମାନଙ୍କ ମଧ୍ୟରୁ ଜଗନ୍ନାଥ ଦାସଙ୍କ 'ଟୀକା ରାମାୟଣ', ବାରାନିଧି ଦାଶଙ୍କ 'ବିଲଙ୍କା ରାମାୟଣ', ହଳଧର ଦାଶଙ୍କ 'ଅଧ୍ୟାତ୍ମ ରାମାୟଣ' ମହାଦେବ ଦାଶଙ୍କ 'ରାମାୟଣ', ଗୋପାଳ ଦାଶଙ୍କଙ୍କ 'ଆଧ୍ୟାତ୍ମ ରାମାୟଣ', କୃଷ୍ଣଚନ୍ଦ୍ର ରାଜେନଙ୍କର 'ଆର୍ଷ ରାମାୟଣ', ସୂର୍ଯ୍ୟମଣି ଚ୍ୟାଉ ପଟ୍ଟନାୟକଙ୍କର 'ଅଧ୍ୟାତ୍ମ ରାମାୟଣ', କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ 'ବାଲ୍ମିକୀ ରାମାୟଣ', କେଶବ ତ୍ରିପାଠୀଙ୍କ 'ପୂର୍ଣ୍ଣ୍ୟ ରାମାୟଣ', ସୀତା ଚରଣଙ୍କ 'ଭକ୍ତିରସାମୃତ ରାମାୟଣ', ଗୁଣ ସାଗରଙ୍କର 'ରାମ ରସାମୃତ ରାମାୟଣ', କପିଳେଶ୍ୱର ବିଦ୍ୟା ଭୂଷଣଙ୍କର 'ବାଲ୍ମୀକି ରାମାୟଣ' ପ୍ରଭୃତି ବିଶେଷ ଉଲ୍ଲେଖଯୋଗ୍ୟ।

ଏତଦବ୍ୟତୀତ କବି ନିଧି ଦାଶ, ରାଧା ଚରଣ ନାୟକ, ସେବା ଦାସ, ଈଶ୍ୱର ଦାସ, ଗୋପୀନାଥ ପାତ୍ର, ରଘୁନାଥ ଦାସ, ରାମ ଦାସ, ବୈଶ୍ୟ ସଦାଶିବ ପ୍ରଭୃତି ବହୁ ସ୍ରଷ୍ଟା ରାମଚରିତ ରଚନା କରିଯାଇଛନ୍ତି। ଏହି ସବୁ ରାମକଥା ସମୂହକୁ ତୁଳନା କଲେ ଜଣାପଡ଼େ ଯେ ଏହିସବୁ ରାମୟରଣ ରାମକାବ୍ୟର ମୂଳ ରାମକଥା ଗୁଡ଼ିକ ସଂସ୍କୃତ ବାଲ୍ମିକୀ ରାମାୟଣ ସହିତ ଭିନ୍ନତ୍ୱ ପ୍ରତିପାଦନ ହୋଇଛି। ସେହି ବିଭିନ୍ନ ସମସାମୟିକ ସାମାଜିକ ସ୍ମୃତି ହିଁ ଏଥିପାଇଁ ମୂଳତଃ ଦାୟୀ। ଏହି ଭିନ୍ନତା ସତ୍ତ୍ୱେ ରାମସାହିତ୍ୟ ଯେ ଦେଶର ଜାତୀୟ ସଂହତିର ମୂଳମନ୍ତ୍ର ସନ୍ଦେହ ନାହିଁ।

ଶିଖରପୁର ଉପରସାହି, କଟକ,
ଦୂରଭାଷ : ୮୨୮୦୯୬୩୨୮୩/
୯୪୩୮୫୮୩୨୮୯

ଫଗୁ ଫୁଆର

ଫୁଲଭରା ଫଗୁଣରେ ଚାରିଆଡ଼େ ଯେତେବେଳେ ରଙ୍ଗୀନ ଦିଶେ, ହେମାଳରୁ ବାହାରି ମନଟିକେ କଡ଼ ଲେଉଟାଏ, ସେତିକିବେଳେ ଜୀବନକୁ ଆହୁରି ରଙ୍ଗମୟ କରିଦେବା ଲାଗି ଇନ୍ଦ୍ରଧନୁ ରଙ୍ଗନେଇ ଆସେ ହୋଲି – ସବୁ ପର୍ବଠୁ ଏକଦମ୍ ନିଆରା। ପ୍ରକୃତିର ନିରୋଳା ସ୍ପର୍ଶରେ ଶିହରିତ ଏ ପର୍ବଟି। କୌଣସି ଦ୍ୱନ୍ଦ୍ୱ ନାହିଁ, କାମନା ପୂରଣର ଆତୁରତା ବି ନାହିଁ। କେବଳ ଖୁସି, ଉଲ୍ଲାସ। ଜୀବନକୁ ରଙ୍ଗରେ ଭରିଦେବାର ଏକ ନିଛକ ପ୍ରୟାସ। ବସନ୍ତର ପରିବେଶ ଯେତେବେଳେ ପ୍ରେମମୟ କରିଥାଏ ପ୍ରକୃତିକୁ ହୋଲିର ହିଲ୍ଲୋଲ ପ୍ରତି ପ୍ରାଣରେ ଜାଗୃତ କରେ ପ୍ରୀତିର ଝଙ୍କାର। ଶୀତରେ କୁଙ୍କୁରି କାଙ୍କୁରି ହୋଇ ଶୋଇଥିବା ମନକୁ ଟାଣିଆଣି ଫିଙ୍ଗିଦିନଏ ଫଗୁଣର ଫୁଲଗଦାରେ। ପ୍ରିୟତମ କୃଷ୍ଣଙ୍କ ସହ ରାଧାରାଣୀଙ୍କୁ ସଜାଇବା ବେଳେ ପ୍ରେମିକ ବି ବିଭୋର ହୁଏ ପ୍ରୀତିର ବାସ୍ତାରେ। ମାର୍କସ ଠିକ୍ ଚିହ୍ନି ଥିଲେ, ପଦାର୍ଥରୁ ହିଁ ଚେତନାର ସୃଷ୍ଟି। ତେବେ ପଦାର୍ଥଟି ଅଚେତନ କିପରି ହୋଇପାରେ? ପ୍ରକୃତିର ଏହି ସଚେତନତା ସାଥୀରେ ନେଇଆସେ ବସନ୍ତ।

ଅନ୍ୟ ସମସ୍ତ ଋତୁରେ କିଛି ନା କିଛି ଦ୍ୱନ୍ଦ୍ୱ ରହିପାରେ। ଖରା, ବର୍ଷା, ଶୀତ-ପ୍ରାଣୀଜଗତ ତିଷ୍ଠି ରହିବା ଲାଗି ସମସ୍ତେ ଆବଶ୍ୟକ। ହେଲେ ଏହି ଋତୁମାନଙ୍କର ଅତିରିକ୍ତତା। କ୍ଷତିକାରକ ହୋଇଥାଏ। ପ୍ରଚଣ୍ଡ ଖରା ଯେମିତି ଜୀବନ ପ୍ରତି କ୍ଷତିକାରକ ସେମିତି ପ୍ରବଳ ବର୍ଷା ଏବଂ ଶୀ ମଧ୍ୟ ସୃଷ୍ଟି ପାଇଁ ବିପଦ। ତେବେ ବସନ୍ତର ଅତିରିକ୍ତତା ହିଁ ନଥାଏ। କାରଣ, ଏହା ଉତ୍କୃଷ୍ଟ ମାସ ଏବଂ ଉତ୍କୃର୍ଷର ଉତ୍କର୍ଷ ବା କ'ଣ ହୋଇପାରେ। ଭଗବାନ ଶ୍ରୀକୃଷ୍ଣ ଗୀତାରେ ନିଜ ସ୍ୱରୂପ ବର୍ଣ୍ଣନାରେ କହିଛନ୍ତି ଯେ ସେ ଋତୁନାଂ କୁସୁମାକର ଅର୍ଥାତ୍ ଋତୁମାନଙ୍କ ମଧ୍ୟରେ ବସନ୍ତ। ଯିଏ ଈଶ୍ୱରୀୟ ସ୍ୱରୂପ, ତା'ଠାରୁ ଆଉ ସୌନ୍ଦର୍ଯ୍ୟ କେଉଁଠି ବା ରହିଛି। ଏହି ଋତୁଟି ପାଇଁ ପୁରା ବର୍ଷ ପ୍ରସ୍ତୁତି ଚାଲିଥାଏ ପ୍ରକୃତି। ଯେମିତି ଯୌବନକୁ ଆଣିବା ଲାଗି ଷୋହଳ ବର୍ଷ ପର୍ଯ୍ୟନ୍ତ ମାନବୀୟ ଶରୀର ସାଧନା କରୁଥାଏ, ମା' ନଅ ମାସ କାଳ ବିଭିନ୍ନ ଗଁର ପର୍ଯ୍ୟାୟ ଅତିକ୍ରମ କରିବା ପରେ ନବାଗତଟିଏ ଭୂମିସ୍ପର୍ଶ କରେ ଏବଂ ଉଲ୍ଲାସ ଭରିଦିଏ। ବସନ୍ତ ପ୍ରକୃତିର ଯୌବନ ଏବଂ ରଚନାତ୍ମକତା ଚରମ ପର୍ଯ୍ୟାୟ। ଷୋଳକଳାରେ ସଜେଇ ହୁଏ ପ୍ରକୃତି। ମଣିଷ ସମେତ ପୁରା ପ୍ରାଣୀଜଗତ ପାଇଁ ଅନୁକୂଳ ଏହି ଋତୁ। ରଙ୍ଗର ଋତୁ ବସନ୍ତ। ଆଶା ଏବଂ ସିଦ୍ଧିର ସୁନ୍ଦର ସଂଯୋଗ, କଳ୍ପନା ଓ ବାସ୍ତବିକତାର ସୁଭଗ ସମନ୍ୱୟ। ନିରାଶା ଉପରେ ଆଶା ଏବଂ ଅମଙ୍ଗଳ ଉପରେ ମଙ୍ଗଳର ବିଜୟ। ରଙ୍ଗ ସତ୍ୟ, ରଙ୍ଗ ହିଁ ଆନନ୍ଦ, ରଙ୍ଗ ସୌନ୍ଦର୍ଯ୍ୟ। ରଙ୍ଗ ପ୍ରତି ବିମୁଖତା ଅନ୍ଧକାର ନିଶ୍ଚୟ। ଦେବଦେବ ମହାଦେବ ନିଜ ଶରୀରକୁ ଶ୍ମଶାନ ଧୂଳିରେ ରଙ୍ଗାଇଛନ୍ତି। ପରିତ୍ୟକ୍ତ ରଙ୍ଗ ତ୍ରିପୁଣ୍ଡରେ ପରିଣତ ହୋଇଛି। ଭଗବାନ ବିଷ୍ଣୁ ପ୍ରଜାଙ୍କ ଅନନ୍ତ କାମନା ସଂରକ୍ଷଣର ଭାବନାକୁ ଧରି ଅନନ୍ତର ନୀଳରଙ୍ଗ ନିଜ ରୂପ ଅନୁକୂଳ କରିଛନ୍ତି। ରଙ୍ଗ ନାମ ହୋଇଛି ପୁଣି ପରିଚୟ ବି ପାଲଟିଯାଇଛି। ସଂସାରରେ ଅନେକ ଭାଷାରେ ଏପରି ଶବ୍ଦ ରହିଛି ଯାହା ରଙ୍ଗ ଆଧାରିତ। ରଙ୍ଗର ମିଳନ ହିଁ ରଙ୍ଗୋତ୍ସବ ହୋଲି। ଇଚ୍ଛା – ଅନିଚ୍ଛାରେ ହେଉ କି ଜାଣତ – ଅଜାଣତରେ ପ୍ରତ୍ୟେକେ ରଙ୍ଗରେ ଭିଜିଯାନ୍ତି। ଶରୀର ଏମିତି ରଙ୍ଗୀନ ହୋଇଯାଏ ଯେ, ବୟସ, ବର୍ଗ, ଜାତି, ଧର୍ମ ସବୁ ପରିଚୟ ଉଭେଇ ଯାଏ। କେବଳ ରଙ୍ଗର ରାଜୁତି ଚାଲେ। ବିଷାଦ ଜଳି ଭସ୍ମୀଭୂତ ହୋଇଯାଏ। ବସନ୍ତ ପ୍ରେମର ରାସ ଆଣେ। କେବଳ ଏକଇ ରଙ୍ଗ ଦୃଷ୍ଟିକୁ ଆସେ ହାସ୍ୟଉଲ୍ଲାସର, ଦର୍ପଣ-ତର୍ପଣରେ। ରଙ୍ଗର ପର୍ବ ହୋଲି। ଫଗୁଣର ରଙ୍ଗ ନେଇ ଆସିଥାଏ ଏହି ହୋଲି। ପୁରପଲ୍ଲୀ, ସହର ବଜାର ସବୁ ହୋଲିର ରଙ୍ଗରେ ରଙ୍ଗୀନ ହୋଇଯାଏ। ଆବାଳବୃଦ୍ଧବନିତାଙ୍କ ସାରାଶରୀର ରଙ୍ଗରେ ଜୁଡୁବୁଡୁ ହୋଇଯାଏ। ସଙ୍ଗୀତ, କବିତାର ଆସର ସାଙ୍ଗକୁ ପିଠାପଣା ଓ ସୁସ୍ୱାଦୁ ଖାଦ୍ୟ ପର୍ବର ଆନନ୍ଦକୁ ଦ୍ୱିଗୁଣ କରିଦିଏ। ଏହି ସମୟରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଚାଚେରୀ ବେଶ କରାଯାଇଥାଏ। ହୋଲି ପର୍ବକୁ ଆଣି ଆସେ ଦୋଳଯାତ୍ରା। ଦୋଳ ଯାତ୍ରା ନାମରେ ମଧ୍ୟ ଏହି ଯାତ୍ରା ପ୍ରସିଦ୍ଧ। ଦୋଳ ଯାତ୍ରାର ଶେଷ ଦିନ ପାଳିତ ହୋଇଥାଏ ହୋଲି। ହୋଲିକା ରାକ୍ଷସୀର ନିଧନ ସ୍ମୃତିରେ ହୋଲି ପାଳିତ ହୋଇଥାଏ ବୋଲି ପୁରାଣ କହେ। ଦୋଳ ଯାତ୍ରାରେ ଠାକୁରେ ବି ଫଗୁ ଖେଳିଥାନ୍ତି। ଗ୍ରାମ ଗ୍ରାମରେ ଠାକୁରଙ୍କୁ ବିମାନରେ ବସାଇ ପରିକ୍ରମା କରାଯାଏ। ନୂଆକରି ଫଳିଥିବା ଆମ୍ବ ପେଣ୍ଡା ଓ ଅନ୍ୟ ସାଜସଜ୍ଜା ସାମଗ୍ରୀରେ ବିମାନ ସଜ୍ଜିତ ହୋଇଥାଏ। ହୋଲିରେ ଅବିର ଖେଳିବା ପରମ୍ପରା ବହୁ ପ୍ରାଚୀନ। ଦୋଳ ବିମାନ, ଦୋଳ ବେଦୀରେ ଏହି ଅବିର ଛାପ ପଡ଼ିଥାଏ। ଏହା ମଧ୍ୟ ଶରୀର ପାଇଁ ଭଲ। ଏହାର ସ୍ପର୍ଶରେ ଚର୍ମ ରୋଗ ହୁଏ ନାହିଁ। ଏବେ କିନ୍ତୁ ଅବିରରେ ଅନ୍ୟ ରାସାୟନିକ ରଙ୍ଗ ବ୍ୟବହାର କରାଯାଉଛି। ତେଣୁ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଛି। ଏଥିପାଇଁ ସତର୍କ ରହିବା ଦରକାର। ତେବେ ଗୋଟିଏ କଥା କହିହେବ, ହୋଲିର ମୂଳମନ୍ତ୍ର ସଦ୍‌ଭାବ। ଏହା ସଂହତି ଓ ଭାଇଚାରାର ବାର୍ତ୍ତା ପ୍ରଚାର କରିଥାଏ।

'ସାଇବିଥି' ୭ଡ଼ି/୧୩୫୪,
ସେକ୍ଟର-୯, ସିଡିଏ, କଟକ

ରାଧାକୃଷ୍ଣଙ୍କ ହୋଲି

ଅନୁପମା ଭୂୟାଁ

ଗୋପପୁରରେ ଭଗବାନ ଶ୍ରୀକୃଷ୍ଣ ଗୋପୀମାନଙ୍କ ସହ ରାସଲୀଳା କରୁଥିଲେ। ଏହି ରାସଲୀଳାରେ ଦେବୀ ରାଧାଙ୍କ ସମେତ ସମସ୍ତ ଗୋପାଙ୍ଗନାମାନେ ଭାଗ ନେଉଥିଲେ। ଶ୍ରୀକୃଷ୍ଣଙ୍କ ବର୍ଣ୍ଣ ଥିଲା କଳା। ଦେବୀ ରାଧା ଥିଲେ ଗୌରବର୍ଣ୍ଣ। ଥରେ ନିଜ ରଙ୍ଗକୁ ନେଇ ଭଗବାନ କୃଷ୍ଣ ମାତା ଯଶୋଦାଙ୍କ ନିକଟରେ ଅଝଟ କଲେ। ମାତାଙ୍କୁ କହିଲେ ରାଧା, ଗୌରବର୍ଣ୍ଣା। କିନ୍ତୁ ମୋ ବର୍ଣ୍ଣକଳା କାହିଁକି? ପୁତ୍ରର ଅଝଟ ଶୁଣି ମାତା ଯୋଶାଦା କହିଲେ, ତୁମେ ରଙ୍ଗ ନେଇ ରାଧାଙ୍କ ମୁହଁରେ ବୋଳିଦିଅ। ତାଙ୍କ ରଙ୍ଗ ସହ ତୁମର ରଙ୍ଗ ମଧ୍ୟ ସମାନ ହୋଇଯିବ। ମାତାଙ୍କ ଏହି ପରାମର୍ଶ ଭଗବାନ ଶ୍ରୀକୃଷ୍ଣଙ୍କ ମନକୁ ପାଇଲା। ସେ ନିଜ ହାତରେ ପ୍ରାକୃତିକ କଳା ରଙ୍ଗ ପ୍ରସ୍ତୁତ କଲେ। ଏବଂ ସେହି ରଙ୍ଗ ନେଇ ଦେବୀ ରାଧାଙ୍କ ମୁହଁରେ ବୋଳି ଦେଲେ। ଏହାପରେ ଦେବୀ ରାଧା ମଧ୍ୟ ଶ୍ରୀକୃଷ୍ଣଙ୍କ ପରି କଳା ହୋଇଗଲେ। ଏହି ଘଟଣା ପର ଠାରୁ ଗୋପପୁରରେ ହୋଲି ଖେଳିବାର ପରମ୍ପରା ଆରମ୍ଭ ହୋଇଥିଲା ବୋଲି ପୁରାଣରେ ବର୍ଣ୍ଣନା ରହିଛି।

ସହାସ୍ୟ ଜୀବନ

ଇଂ.ସଚ୍ଚିଦାନନ୍ଦ ନନ୍ଦ

ବିରସ ବଦନ ରହିବା ବା ଦେଖିବାକୁ କେହି ପ୍ରାୟ ଭଲ ପାଆନ୍ତି ନାହିଁ। ମାତୃଗର୍ଭରୁ ଯିଏ ଯେତିକି ସୁନ୍ଦର ହୋଇ ଜନ୍ମ ହୋଇଛି ତା' ସୌନ୍ଦର୍ଯ୍ୟ କିଛି ମାତ୍ରାରେ ବଢ଼ି ଯାଏ ସହାସ୍ୟ ଜୀବନ ଯାପନ କଲେ। ନିଜ ଦର୍ପଣ ନିଜ ଚେହେରାକୁ ପ୍ରଶଂସାପତ୍ର ଦେବା ସଙ୍ଗେ ସଙ୍ଗେ ସାଥି, ବନ୍ଧୁବାନ୍ଧବମାନେ ମଧ୍ୟ ବିନା କାରଣରେ ଖୁସି ହୁଅନ୍ତି ଗୋଟିଏ ସରସ ବଦନ ବ୍ୟକ୍ତିଙ୍କୁ ଦେଖିଲେ। ପ୍ରକୃତରେ ମଣିଷ ଖୁସି ରହିବା ହିଁ ତା ଜନ୍ମର ଧର୍ମ। ଛୋଟ ପିଲା ହୋଇ ସମସ୍ତେ ଜନ୍ମ ଲାଭ କରିଥାନ୍ତି ଏବଂ ସେହି ଦିନଠାରୁ ସେ ଖୁସିରେ ହିଁ ତା'ର ଦିନ ଅତିବାହିତ କରେ। ଯଦି ସେ କାନ୍ଦେ, ଯାହା ତା'ପାଇଁ ସ୍ୱାଭାବିକ ନୁହେଁ, ସମସ୍ତେ ବ୍ୟସ୍ତ ହୋଇ ଖୋଜି ବସନ୍ତି ତାହାର କାରଣ। ପିଲାକୁ ଭୋକ ହେଲାଣି, ବା ପରିସ୍ରା କରି ଦେଇଥିବ ବା ଶଯ୍ୟାରେ କିଛି ବାହ୍ୟ ପଦାର୍ଥ ତା ଦେହକୁ କଷ୍ଟ ଦେଉଥିବ ଇତ୍ୟାଦି ଇତ୍ୟାଦି। କହିବାର ତାତ୍ପର୍ଯ୍ୟ ହେଉଛି କିଛି ଗୋଟିଏ ଅସ୍ୱାଭାବିକ ପରିସ୍ଥିତି ନ ପଡ଼ିଲେ ପିଲା ତା ସ୍ୱଭାବବଶତଃ ଖୁସିରେ ଦୋଳାରେ ଖେଳିବା କଥା। କିଛି ଗୋଟିଏ ଅଘଟଣ ନ ଘଟିଲେ କାହିଁକି ବା କାନ୍ଦନ୍ତା? ସେଇ ପିଲା ବଡ଼ ହୋଇ ଆମ୍ଭମାନଙ୍କ ପରି ହୋଇଛି। ଆମର ମଧ୍ୟ ସ୍ୱଭାବ ହେଉଛି ଖୁସିରେ ରହିବା। ଦୁଃଖିତ ହେବା ପଛରେ କିଛି ଗୋଟିଏ ଅସ୍ୱାଭାବିକ ଘଟଣା ଥିବ ନିଶ୍ଚିତ। ମହାପୁରୁଷମାନେ, ଈଶ୍ୱରକୋଟୀ ପୁରୁଷମାନେ ଓ ଆଧ୍ୟାତ୍ମିକ ଗବେଷକମାନେ ତାଙ୍କ ଅଭିଜ୍ଞତା ଓ ଦୀର୍ଘ ଅନୁଭୂତିରୁ କହନ୍ତି, ବିରସ ଜୀବନର ପ୍ରମୁଖ କାରଣ ହେଉଛି, ଅତୃପ୍ତ କାମନା ବାସନା। ଆମ୍ଭେମାନେ ମଧ୍ୟ ସଂସାରରେ ଯେତିକି ବର୍ଷ ବିତାଇଲେଣି ନିରପେକ୍ଷ ଭାବେ ଦେଖିଲେ ଏଥିରେ ଏକମତ ହେବା। ଆମ୍ଭେମାନେ କାମନାବାସନା ଶୂନ୍ୟ ହୋଇପାରିବା ନାହିଁ। ଏହା ମଧ୍ୟ ଆମକୁ ଭଲ ଭାବେ ଜଣା ଯେ ଆମର ସମସ୍ତ କାମନା ବାସନା ପୂରଣ ହୋଇପାରିବ ନାହିଁ। ଆମେ ଚାହୁଁଥିବା ଅବଧି ଭିତରେ ପୂରଣ ହୋଇପାରିବ ନାହିଁ, ଆମ

ସିଦ୍ଧମଠ ପରିସରରେ ବ୍ରାହ୍ମଣ ମହାସଭାର ବାର୍ଷିକ ବୈଠକ

କେନ୍ଦୁଝର,(ପି.ଏନ): କେନ୍ଦୁଝର ପୁରୁଣା ସହରର ପ୍ରସିଦ୍ଧ ଆଧ୍ୟାତ୍ମିକ କ୍ଷେତ୍ର ତଥା ପର୍ଯ୍ୟଟନସ୍ଥଳୀ ସିଦ୍ଧ ଜଗନ୍ନାଥ ମନ୍ଦିର ପରିସରରେ କେନ୍ଦୁଝର ଜିଲ୍ଲାର ବ୍ରାହ୍ମଣ ମହାସଭାର ବାର୍ଷିକ ବୈଠକ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବ୍ରାହ୍ମଣ ମାସଭାର ସମ୍ପାଦକ ପ୍ରସନ୍ନ କୁମାର ନନ୍ଦ ଉପସ୍ଥିତ ବ୍ରାହ୍ମଣ ଦେବତା ମାନଙ୍କୁ ସ୍ୱାଗତ ଜଣାଇଥିଲେ । ବ୍ରାହ୍ମଣ ମହାସଭାର ସଭାପତି ଇଂ ଗୌରାଙ୍ଗ ଚରଣ ହୋତା, ଅବସରପ୍ରାପ୍ତ ଅଧ୍ୟାପକ ତଥା ସାହିତ୍ୟିକ ଡକ୍ଟର ଚିତ୍ତରନ ମିଶ୍ର, ଅବସରପ୍ରାପ୍ତ ଜୁଡିସିଆଲ କର୍ମଚାରୀ ତଥା ସାହିତ୍ୟିକ ଦେବାଶିଷ ଚକ୍ରବର୍ତ୍ତି ପ୍ରମୁଖ ବ୍ରାହ୍ମଣ ମାନଙ୍କ ଉପରେ ହେଉଥିବା ଅବହେଳା ଓ ସରକାରଙ୍କ ଆଭିମୁଖ୍ୟ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ବ୍ରାହ୍ମଣ ମହାସଭା ଏକ ଅଣରାଜନୈତିକ ସଂଗଠନ ଭାବରେ କେନ୍ଦଝରରେ ସମସ୍ତ ବ୍ରାହ୍ମଣ ମାନଙ୍କ ପାଇଁ କାର୍ଯ୍ୟ କରିଆସୁଅଛି । ବ୍ରାହ୍ମଣ ସମାଜରେ ଆଧ୍ୟାତ୍ମିକ, ନୈତିକ, ସାଂସ୍କୃତିକ ତଥା ସାମାଜିକ ସ୍ତରରେ ହେଉଥିବା ଦ୍ରୁତ ଅବକ୍ଷୟକୁ ରୋକିବା ସହ ଏଥିପାଇଁ ସଂକଳ୍ପବଦ୍ଧ ହେବାପାଇଁ ବ୍ରାହ୍ମଣ ମହାସଭା ସମ୍ପାଦକ ଶ୍ରୀ ନନ୍ଦ ଆହ୍ୱାନ କରିଥିଲେ । ବ୍ରାହ୍ମଣ ମାନଙ୍କୁ ଉତ୍ତମ ଓ ସଂସ୍କାରିତ କାର୍ଯ୍ୟ ଶିକ୍ଷା ଦେବା ନିମଟ୍ତ କାର୍ଯ୍ୟ କରିଥାଏ । ୨୦୦୯ ମସିହାରୁ ପ୍ରତିବର୍ଷ ଗରିବ ବ୍ରାହ୍ମଣ ପରିବାରର ପୁତ୍ରମାନଙ୍କୁ ମାଗଣାରେ ବ୍ରତୋପନୟନ ସମ୍ପାଦନ କରି ଆସୁଥିବା ବ୍ରାହ୍ମଣ ମହାସଭା ଗରିବ ପରିବାରରେ ଅର୍ଥାଭାବରୁ ବିବାହ କରିପାରୁନଥିବା ପୁଅଝିଅ ମାନଙ୍କ ବିବାହ ପାଇଁ ଯୋଗସୂତ୍ର ସ୍ଥାପନ ଆଗାମୀ ଦିନରେ କରାଯିବ । ଯୌତୁକ ପ୍ରଥା ଓ ନିଶା ନିବାରଣ ଲଢେଇରେ ବ୍ରାହ୍ମଣ ସମାଜର ସମସ୍ତ ବ୍ରାହ୍ମଣ ଦେବତା ପ୍ରୟାସ କରିବା ପାଇଁ ସେ କହିଥିଲେ । ଆଗାମୀ ଦିନରେ ବିଜ୍ଞ କର୍ମକାଣ୍ଡବିତଙ୍କ ଦ୍ୱାରା ମଣ୍ଡଳ ପ୍ରସ୍ତୁତି, ବିଭିନ୍ନ ପୂଜାର ପ୍ରତ୍ୟକ୍ଷ ଜ୍ଞାନ ଦେବାପାଇଁ ଏକ କର୍ମଶାଳାର ଆୟୋଜନ କରାଯିବ । ବ୍ରାହ୍ମଣ କର୍ମକାଣ୍ଡ ଓ ଧର୍ମ ସମ୍ବନ୍ଧିତ ପାଠାଗାରର କଳେବର ଆଗାମୀ ଦିନରେ ବୃଦ୍ଧି କରାଯିବା ସହ ଆଗାମୀ ପୀଢି ପାଇଁ ନୂତନ କର୍ମକାଣ୍ଡ ପୁସ୍ତକ ସଂଗ୍ରହ କରାଯିବ । ବିଭିନ୍ନ ବିଶେଷ ଦିନ ଓ ପର୍ବପର୍ବାଣୀରେ ବ୍ରାହ୍ମଣ ମହାସଭା ପକ୍ଷରୁ ପ୍ରବଚନ ସଭାର ଆୟୋଜନ କରିବାର ଲକ୍ଷ ରଖାଯାଇଛି । ଶେଷରେ ବ୍ରାହ୍ମଣ ସମାଜର ଉତ୍‌ଥାନ ଓ ସଂସ୍କାରିତ ହେବା ଦିଗରେ ସମସ୍ତ ସଦସ୍ୟ କାର୍ଯ୍ୟ କରିବାକୁ ମହାସଭା ତରଫରୁ ନିଷ୍ପତ୍ତି କରାଯାଇଛି ।

ମାଲକାନଗିରି ମହାବିଦ୍ୟାଳୟ ର ୪୨ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ମାଲକାନଗିରି ,(ପି.ଏନ): ମାଲକାନଗିରି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ପାଳନ ହୋଇଯାଇଛି ! ମହାବିଦ୍ୟାଳୟ ର ଅଧ୍ୟକ୍ଷ ଅଶୋକ କୁମାର ଷଡଙ୍ଗୀଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ଉଚ୍ଚ ଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଯୋଗଦେଇଥିଲେ ! ସ୍ୱତନ୍ତ୍ର ଅତିଥି ରୂପେ ସାଂସଦ ରମେଶ ଚନ୍ଦ୍ର ମାଝି , ପୂର୍ବତନ ସାଂସଦ ପ୍ରଦୀପ କୁମାର ମାଝି, ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ତାଙ୍ଗୁଲୁ ଉପସ୍ଥିତ ଥିଲେ !ଏତତ୍ ବ୍ୟତୀତସମ୍ମାନିତ ଅତ ିଥିଭାବେ ପରିଚାଳନା କମିଟି ସଭାପତି ଡଃ. ଉଦୟକୁମାର ଖରା ମହାବିଦ୍ୟାଳୟର ସମ୍ପୂର୍ଣ୍ଣ ବିକାଶରେ ପ୍ରତିଜ୍ଞା ବୋଧ ବୋଲି କହିଥିଲେ ! ଜିଲ୍ଲା ପରିଷଦ ଉପଧକ୍ଷ ପତିତ ପାବନ ବୈଦ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ଶୈକ୍ଷିକ ବାତାବରଣ ମଧ୍ୟରେ ଲକ୍ଷ୍ୟ ପୂରଣ ନିମନ୍ତେ ଉପଦେଶ ଦେଇଥିଲେ । ମାଲକାନଗିରି ଜିଲ୍ଲାର ପୂର୍ବତନ ବିଧାୟକ ମାନସ ମାଡ଼କାମି ପୂଜାରୀ ଛାତ୍ର ଛାତ୍ରୀ ନିମନ୍ତେ ଉଦ୍ଧବୋଧନ ଦେଇ ମହାବିଦ୍ୟାଳୟର ଭିତି ପ୍ରସ୍ତର ସ୍ଥାପନ ପାଇଁ ଏକକୋଟି ପଚାସ ଲକ୍ଷ୍ ଟଙ୍କାର ଅନୁଦାନର ପ୍ରତିଶ୍ରୁତିକୁ ଘୋଷଣା କରିଥିଲେ ! ସମ୍ମାନିତ ଅତିଥି ବୃନ୍ଦ ଛାତ୍ର ଛାତ୍ରୀଙ୍କ ବିକାଶ ଓ ଶିକ୍ଷା ପାଇଁ ନିଜର ମତାମତ ପ୍ରକାଶ କରିଥିଲେ ! ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝି ପାଂଚ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଥିଲେ ଷ ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଡଃ. ଉଦୟ କୁମାର ଖରା ମହାବିଦ୍ୟାଳୟର ସମ୍ପୂର୍ଣ୍ଣ ବିକାଶରେ ପ୍ରତିଜ୍ଞା ବୋଧ ବୋଲି କହିଥିଲେ ! ଜିଲ୍ଲା ପରିଷଦ ଉପଧକ୍ଷ ପତିତ ପାବନ ବୈଦ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ଶୈକ୍ଷିକ ବାତାବରଣ ମଧ୍ୟରେ ଲକ୍ଷ୍ୟ ପୂରଣ ନିମନ୍ତେ ଉପଦେଶ ଦେଇଥିଲେ । ମାଲକାନଗିରି ଜିଲ୍ଲାର ପୂର୍ବତନ ବିଧାୟକ ମାନସ ମାଡ଼କାମି ଯୋଗଦେଇ ମହାବିଦ୍ୟାଳୟର ସରକାରୀ କରଣ ଦାବି କୁ ଉପସ୍ଥାପନ କରିଥିଲେ କ୍ଷମାଲକାନଗିରିର ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝି ଯୋଗ ଦେଇ ଆଧାର ସଂରଚନାର ବିକାଶରେ ମାଲକାନଗିରି କଲେଜ୍ କୁ ସମ୍ପୂର୍ଣ୍ଣ ରୂପେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସ୍ଥାନୀୟ ସର୍କିଟ ହାଉସରୁ କଲେଜ୍ ପର୍ଯ୍ୟନ୍ତ କୋୟା ନାଚ ସହ ପିଲାମାନେ ମନ୍ତ୍ରୀ ଏବଂ ଅତିଥିଙ୍କୁ ପାଛୋଟି ଆଣିଥିଲେ କ୍ଷ ଇତିହାସ ଅଧ୍ୟକ୍ଷ ଡଃ. ଗୋକୁଳାନନ୍ଦ ପାତ୍ର ଉହ୍ନୋଷତ ଭାବେ କାର୍ଯ୍ୟରତ ଥିଲେ । ଛାତ୍ର ମାନଙ୍କ ତରଫରୁ ପବନ୍ ସିଂ , ସାନା ସୁଧୀର , ହରି ଇସ୍ ଲାବତ , ସେହିତା ବୈଦ ସହଯୋଗ କରିଥିଲେ ଏବଂ ପୁରସ୍କାର ବିତରଣରେ ସହାୟକ ଭାବେ କାର୍ଯ୍ୟ କରିଥିଲେ କ୍ଷ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା କ୍ଷ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି !

ମାଲକାନଗିରି ମହାବିଦ୍ୟାଳୟ ର ୪୨ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ମାଲକାନଗିରି ,(ପି.ଏନ): ମାଲକାନଗିରି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ପାଳନ ହୋଇଯାଇଛି ! ମହାବିଦ୍ୟାଳୟ ର ଅଧ୍ୟକ୍ଷ ଅଶୋକ କୁମାର ଷଡଙ୍ଗୀଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ଉଚ୍ଚ ଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଯୋଗଦେଇଥିଲେ ! ସ୍ୱତନ୍ତ୍ର ଅତିଥି ରୂପେ ସାଂସଦ ରମେଶ ଚନ୍ଦ୍ର ମାଝି , ପୂର୍ବତନ ସାଂସଦ ପ୍ରଦୀପ କୁମାର ମାଝି, ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ତାଙ୍ଗୁଲୁ ଉପସ୍ଥିତ ଥିଲେ !ଏତତ୍ ବ୍ୟତୀତସମ୍ମାନିତ ଅତ ିଥିଭାବେ ପରିଚାଳନା କମିଟି ସଭାପତି ଡଃ. ଉଦୟକୁମାର ଖରା ମହାବିଦ୍ୟାଳୟର ସମ୍ପୂର୍ଣ୍ଣ ବିକାଶରେ ପ୍ରତିଜ୍ଞା ବୋଧ ବୋଲି କହିଥିଲେ ! ଜିଲ୍ଲା ପରିଷଦ ଉପଧକ୍ଷ ପତିତ ପାବନ ବୈଦ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ଶୈକ୍ଷିକ ବାତାବରଣ ମଧ୍ୟରେ ଲକ୍ଷ୍ୟ ପୂରଣ ନିମନ୍ତେ ଉପଦେଶ ଦେଇଥିଲେ । ମାଲକାନଗିରି ଜିଲ୍ଲାର ପୂର୍ବତନ ବିଧାୟକ ମାନସ ମାଡ଼କାମି ଯୋଗଦେଇ ମହାବିଦ୍ୟାଳୟର ସରକାରୀ କରଣ ଦାବି କୁ ଉପସ୍ଥାପନ କରିଥିଲେ କ୍ଷମାଲକାନଗିରିର ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝି ଯୋଗ ଦେଇ ଆଧାର ସଂରଚନାର ବିକାଶରେ ମାଲକାନଗିରି କଲେଜ୍ କୁ ସମ୍ପୂର୍ଣ୍ଣ ରୂପେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସ୍ଥାନୀୟ ସର୍କିଟ ହାଉସରୁ କଲେଜ୍ ପର୍ଯ୍ୟନ୍ତ କୋୟା ନାଚ ସହ ପିଲାମାନେ ମନ୍ତ୍ରୀ ଏବଂ ଅତିଥିଙ୍କୁ ପାଛୋଟି ଆଣିଥିଲେ କ୍ଷ ଇତିହାସ ଅଧ୍ୟକ୍ଷ ଡଃ. ଗୋକୁଳାନନ୍ଦ ପାତ୍ର ଉହ୍ନୋଷତ ଭାବେ କାର୍ଯ୍ୟରତ ଥିଲେ । ଛାତ୍ର ମାନଙ୍କ ତରଫରୁ ପବନ୍ ସିଂ , ସାନା ସୁଧୀର , ହରି ଇସ୍ ଲାବତ , ସେହିତା ବୈଦ ସହଯୋଗ କରିଥିଲେ ଏବଂ ପୁରସ୍କାର ବିତରଣରେ ସହାୟକ ଭାବେ କାର୍ଯ୍ୟ କରିଥିଲେ କ୍ଷ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି !

ଜିଜ୍ଞାସା ତରଫରୁ ଆୟୋଜିତ ଭଜନାଗର ସ୍ମାରକୀ ବ୍ୟାଖ୍ୟାନରେ ଯୋଗଦେଲେ ଶତାଧିକ ଛାତ୍ରଛାତ୍ରୀ

ଭୁବନେଶ୍ୱର, (ପି.ଏନ): ସି. ଏସ. ଆଇ. ଆର. - ଆଇ. ଆଇ. ଏମ. ଟି. ର ଜିଜ୍ଞାସା ଟିମ ତରଫରୁ ଆୟୋଜିତ ସାର ଶାନ୍ତି ସ୍ୱରୂପ ଭଜନାଗର ସ୍ମୃତି ବ୍ୟାଖ୍ୟାନରେ ବକ୍ତବ୍ୟ ରଖି ଅନୁଷ୍ଠାନର ମହାନିର୍ଦ୍ଦେଶକ ଓ ଶାନ୍ତି ସ୍ୱରୂପ ଭଜନାଗର ସମ୍ମାନରେ ସମ୍ମାନୀତ ବିଶିଷ୍ଟ ବୈଜ୍ଞାନିକ ଡଃ ଜି. ନରହରି ଶାସ୍ତ୍ରୀ ସହଭାଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଁ ନୁହେଁ ଆମେ - ଆମର ଧ୍ୟେୟ ହେଲେ ଅନୁଷ୍ଠାନ ସଫଳ ହୋଇପାରିବ। ସେ କହିଥିଲେ ଯେ ଡଃ ଭଜନାଗର ଏକାଧାରରେ ଜଣେ ଶିକ୍ଷାବିତ୍, ବୈଜ୍ଞାନିକ ଓ ଅନୁଷ୍ଠାନ ନିର୍ମାତା ଥିଲେ। ସେ ଥିଲେ ସି. ଏସ. ଆଇ. ଆର. ର ପ୍ରାଣପ୍ରତିଷ୍ଠାତା, ପ୍ରଥମ ମହାନିର୍ଦ୍ଦେଶକ। ସେ ଭାରତୀୟ ପ୍ରାଦ୍ୟୋଗିକ ଗବେଷଣାକୁ ନୂଆ ଦିଗ ଓ ଦିଗନ୍ତ ଦେଇଥିଲେ। ଜିଜ୍ଞାସାର ପ୍ରମୁଖ,ସି. ଏସ. ଆଇ. ଆର. ର ପ୍ରଧାନ ବୈଜ୍ଞାନିକ ଡଃ ଦେବୀ ପ୍ରସାଦ ଦାସ କହିଲେ, ଜିଜ୍ଞାସା ବୈଜ୍ଞାନିକ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏକ ସେତୁ ପରି କାମକରିବାର ଲକ୍ଷ୍ୟ ରଖିଛି। ପିଲାମାନଙ୍କୁ ବୈଜ୍ଞାନିକ ଚିନ୍ତନର ଅଭିମୁଖୀ କରିବା ପାଇଁ ବର୍ଷସାରା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏ ବ୍ୟାଖ୍ୟାନକୁ ଶୁଣିବା ପାଇଁ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଆସିଥିବା ଶତାଧିକ ଛାତ୍ରଛାତ୍ରୀଙ୍କୁ ସେ ସାଧୁବାଦ ଦେଇଥିଲେ। ଡଃ ଉମାକାନ୍ତ ସୁବୁଦ୍ଧି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡଃ ମମତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ବୈଜ୍ଞାନିକ ଡଃ ସନ୍ତୋଷ କୁମାର ବେହେରା, ଡଃ ବିକାଶ କୁମାର ଜେନା, ଡଃ ସୀମନ୍ତିନୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ନବ ଦିନାତ୍ମକ ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଘାଟିତ

ଭଦ୍ରକ, (ପି.ଏନ): ସମଗ୍ର ବିଶ୍ୱରେ ସଂସ୍କୃତ ଭାଷାକୁ ମାତୃଭାଷାର ରୂପ ଦିଆ ଯାଇଛି। ସଂସ୍କୃତରୁ ସଂସ୍କାର ସୃଷ୍ଟି ହୋଇଥାଏ ଏବଂ ନୀତିଗତ ପାରମ୍ପରିକ ବିଧିବିଧାନ ପାଳିତ ହୋଇଥାଏ। ସଂସ୍କୃତ ଶିକ୍ଷାର ବିକାଶ ହେଲେ ସମାଜର ବିକାଶ ହୋଇ ପାରିବ ବୋଲି ଆଜି ଭଦ୍ରକ ଜଗନ୍ନାଥପୁରରେ ଗଢ଼ି ଉଠିଥିବା ତକ୍ଷଶିଳା ଏକାଡେମୀ ପରିସରରେ ଉପସ୍ଥିତ ରହି ବକ୍ତାମାନେ ନିଜ ନିଜର ମତ ବ୍ୟକ୍ତ କରିଥିଲେ। ଲୋକଭାଷା ପ୍ରଚାର ସମିତି ଆନୁକୂଲ୍ୟରେ ଅଧ୍ୟକ୍ଷ ମନୋଜ କୁମାର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ସହସ୍ର ପୁସ୍ତକର ସ୍ରଷ୍ଟା ଆବାଲ୍ୟ ଶିବ ଉପାସକ ପଣ୍ଡିତ ଦୈତ୍ୟାରି ମହାପାତ୍ର ଆନୁଷ୍ଠାନିକ ଭାବେ ସଭାକୁ ଉଦ୍‌ଘାଟନ କରିବା ସହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବର୍ତ୍ତମାନ ସମାଜରେ ସଂସ୍କୃତ ଶିକ୍ଷାର ଆବଶ୍ୟକତା ଗୁରୁକୂଳ ଶିକ୍ଷାଶ୍ରମର ମହନୀୟତା ଏବଂ ସମାଜ ପ୍ରଗତିରେ ବ୍ରାହ୍ମଣମାନଙ୍କର ଭୂମିକା ଓ ଭାରତ ବର୍ଷ ସମଗ୍ର ବିଶ୍ୱର ଆଦି କ୍ଷେତ୍ର ବୋଲି କହିଥିଲେ। କଳ୍ପନାଦେବୀ ଆବାସିକ ମହାବିଦ୍ୟାଳୟର ନିର୍ଦ୍ଦେଶକ ମହେଶ ଚନ୍ଦ୍ର ରାୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସଂସ୍କୃତ ଶିକ୍ଷା ଗ୍ରହଣ କରି ପାରିଲେ, ଛାତ୍ରଛାତ୍ରୀମାନେ କି ଭଳି ସଂସ୍କାରି ହୋଇ ପାରିବେ ସେ ସମ୍ପର୍କରେ ନିଜର ସୁଚିନ୍ତିତ ମତ ରଖିଥିଲେ। ପଣ୍ଡିତ ଶତ୍ରୁଘ୍ନ ପତିଙ୍କ ପ୍ରତ୍ୟକ୍ଷ ତ୍ୱାବଧାନରେ ଆୟୋଜିତ ଏହି ମନୋରମ ଶିକ୍ଷା କର୍ମଶାଳାରେ ବରେଣ୍ୟ ଅତିଥି ତଥା ପଶ୍ଚିମ ବଙ୍ଗର ବିଶିଷ୍ଟ ସଂସ୍କୃତ ଭାଷାବିତ୍, ପ୍ରଶିକ୍ଷକ, ପଣ୍ଡିତ ବ ିନ ଓ୍ୱହ୍ନା ସମଗ୍ର ଭାରତ ବର୍ଷରେ ସଂସ୍କୃତ ଭାଷାକୁ ମାତୃଭାଷା ବୋଲି ନିଜ ବକ୍ତବ୍ୟରେ କହିଥିଲେ। ସଭାର ପ୍ରାରମ୍ଭରେ ପଣ୍ଡିତ ଶତ୍ରୁଘ୍ନ ପତି ଉପସ୍ଥିତ ପଣ୍ଡିତମାନଙ୍କର ଅତିଥି ପରିଚୟ ଦେଇଥିବା ବେଳେ ଅଖଣ୍ଡ ଭାରତ ବ୍ରାହ୍ମଣ ପରିଷଦର ମୁଖ୍ୟ ସଂଯୋଜକ ତଥା ସମ୍ପାଦକ ପଣ୍ଡିତ ସଞ୍ଜୟ ପାଢୀଶର୍ମା ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ବର୍ତ୍ତମାନର ସମାଜକୁ ସଂସ୍କୃତ ଭାଷାରେ ଆବଶ୍ୟକତାରେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ପଣ୍ଡିତ ଗୟାଧର ପଣ୍ଡା, ପଣ୍ଡିତ ହିମାଂଶୁ ପଣ୍ଡା, ପଣ୍ଡିତ ଜ୍ୟୋତିରଂଜନ ପତି ସଂସ୍କୃତ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ପଣ୍ଡିତ ଶତ୍ରୁଘ୍ନ ପତି ଧନ୍ୟବାଦ ଅର୍ପଣ କରିବା ପରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

କଲେଜ ଛାତ୍ରୀର ଆତ୍ମହତ୍ୟା

ଝୁମ୍ପୁରା:(ପି.ଏନ): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ବାରିଆ ଥାନା ଅଧିନସ୍ଥ ନୟାଧର୍ନୁୟପୁର ରେ ଗୁରୁବାର ଦିନ ଘଟିଛି ଏକ ଅଭାବନୀୟ ଘଟଣା । ସେହି ଗ୍ରାମର ଚିତରଂଜନ ନାଏକ ଙ୍କ କଲେଜ ପଢୁଆ ଝିଅ ମୋନିକା ନାଏକ (୧୬ବର୍ଷ) କରିଛି ଆତ୍ମହତ୍ୟା । ସୂଚନା ଯୋଗ୍ୟ ଯେ ମୋନିକା ଉଖୁଣ୍ଡା କଲେଜ ର ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରୀ । ମୋନିକା ସବୁ ଦିନ ପରି ସେ ଦିନ ମଧ୍ୟ କଲେଜ ରୁ ଫେରି ଭାତ ଖାଇ ସାରିବା ପରେ ନିଜ ରୁମ କୁ ଚାଲି ଯାଇ ଭିତର ପଟରୁ କବାଟ ବନ୍ଦ କରିଥିଲା । କିଛି ସମୟ ପରେ ମୋନିକା ର ଏକ ଫୋନ କଲ ଆସିଲା । ପଲରେ ମୋନିକା ର ଭାଇ କବାଟ ଖୋଲି ଡାକିବା କୁ ଚେଷ୍ଟା କଲେ ,କିନ୍ତୁ ମୋନିକା କବାଟ ଖୋଲିଲା ନାହିଁ । ଫଳରେ ଝରକା ପଟରୁ ଦେଖିବା ବେଳେକୁ ମୋନିକା ଓଢଣି ସାହାର୍ଯ୍ୟରେ ଝୁଲ‘ା ଅବସ୍ଥାରେ ରହିଛି । ପରିବାର ଲୋକ କବାଟ ଭାଙ୍ଗି ମୋନିକାକୁ ଉଦ୍ଧାର କରି ଝୁମ୍ପୁରା ଡାକ୍ତରଖାନା କୁ ଆଣିଥିଲେ । ଡାକ୍ତର ସେଠାରେ ମୋନିକା କୁ ମୃତ ଘୋଷଣା କରିଥିଲେ । ବାରିଆ ପୁଲିସ ଡାକ୍ତରଖାନାରେ ପହଂଚି ଶବ ଜବତ କରିଥିବା ସହିତ ଅମ୍ରହତ୍ୟାର କାରଣ ଖୋଜୁଛି । ମୋନିକା ଜଣେ ରାଜ୍ୟସ୍ତରୀୟ ଖୋକୋ ଖେଳାଳୀ ଭାବେ ଜଣାଶୁଣା । କିଛି ଦିନ ହେବ ସେ ଜାତୀୟସ୍ତର ରେ ଖୋକୋ ଖେଳିବା ପାଇଁ ମୋନନୀତ ହୋଇଥିବା ତାର ବାପା ଚିତରଂଜନ ସୁଚନା ଦେଇଛନ୍ତି ।

ଟାଟା ପାୱାର ପକ୍ଷରୁ ବ୍ରହ୍ମବରଦାରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଧର୍ମଶାଳା,(ପି.ଏନ): ଓଡିଶାରେ ଟାଟା ପାୱାର ଦାୟିତ୍ୱ ନେବା ପରେ ବିଭିନ୍ନ ଅଂଚଳରେ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଉନ୍ନତମାନର ସେବା ଯୋଗାଇ ଦେଇଆସୁଛି । ଅନେକ ସମୟରେ ଦୁର୍ଘଟଣା ଓ ବିଦ୍ୟୁତ ସରବରାହ ଉପରେ ଗୁରୁତ୍ୱ ଦେବା ସହିତ ଏଭଳି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ଏବେ ଲୋକମାନଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଇଛି । ଅନେକ ଅଂଚଳରେ ବହୁ ଅସହାୟ ବ୍ୟକ୍ତି ସ୍ୱାସ୍ଥ୍ୟ ସେବାରୁ ବଂଚିତ ହେବା ସହ ମେଡିକାଲକୁ ବହୁ ଦୂରଦୂରାନ୍ତକୁ ଯାଇ ପାରୁ ନାହାନ୍ତି । ସେମାନଙ୍କ ଘର ପାଖରେ ଏହି ସ୍ୱାସ୍ଥ୍ୟ ସେବା ପଂହଚାଇବାକୁ ଟାଟା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି । ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିର ବିଭିନ୍ନ ସ୍ଥାନରେ କରାଯାଉଛି । ଏହି କ୍ରମରେ ଆଜି ଯାଜପୁର ଜିଲା ରସୁଲପୁର ବ୍ଲକ କୁଆଖିଆ ବିଦ୍ୟୁତ୍ ଅଧିନସ୍ଥ ବ୍ରହ୍ମବରଦାଠାରେ ଟାଟା ପାୱାର ନର୍ଦନ ଓଡିଶା ଡିଷ୍ଟ୍ରିଭୁସନ ଲିମିଟେଡ ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଶିବିର ଓ ଔଷଧ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମବରଦରସ୍ଥିତ ବେଲଗୁରୁଡିଠାରେ ଏହି ସ୍ୱାସ୍ଥ୍ୟ ସେବା ଗାଡି ପଂହଚିଥିଲା । କାର୍ଯ୍ୟକ୍ରମକୁ ଆନୁଷ୍ଠାନିକଭାବେ ବ୍ରହ୍ମବରଦା ସରପଂଚ ମମତା ଶୁଦର୍ଶିନୀ ଦେଓ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ କୁଆଖିଆ ଏସ୍‌ଡିଓ ଶୀତାଶୁଂ ଶେଖର ଶତପଥୀ,ନିର୍ବାହୀ ଯନ୍ତ୍ରୀ ଆଲୋକ ଦାସ , ବ୍ରହ୍ମବରଦା ସେକ୍ଟନର ନିର୍ବାହୀ କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ସାହୁ ଓ କୁଆଖିଆ ଡିଭିଜନର ମୁଖ୍ୟ କିରାଣୀ ଶ୍ରୀବତ୍ସବ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ସ୍ୱାସ୍ଥ୍ୟ ଶିବିରରେ ଅଭିଜ୍ଞ ଡା

ମୋ ଓଡ଼ିଶା

ସଂଗଠକ ଓ ଦରଦୀ ନେତା ମୋହନବାବୁଙ୍କ ସ୍ମରଣେ...

ପୂର୍ବତନ ସାଂସଦ, ସଂଗଠକ, ପରୋପକାରୀ ଓ ଦରଦୀ ନେତା ମୋହନବାବୁ ଆଉ ନାହାନ୍ତି। ଏହାକୁ ଶୁଣିଲେ ବିଶ୍ୱାସ ବି ହେଉନାହିଁ। ଜନ୍ମରୁ ଅଭାବକୁ ଦେଖିଥିଲେ। ପ୍ରଥମରୁ ସଂଗ୍ରାମକୁ ଆପଣେଇଥିଲେ। ଛାତ୍ର ଜୀବନରୁ ଲଢ଼େଇର ମଙ୍ଗ ଧରିଥିଲେ। ସକାରାତ୍ମକ ଚିନ୍ତନର ମଣିଷ ସାଜି ଯୁବଗୋଷ୍ଠୀକୁ ଦିଗଦର୍ଶନ ଦେଉଥିଲେ। ପଛୁଆ ଶ୍ରେଣୀକୁ ଆଗକୁ ବଢ଼ିବାର ପ୍ରେରଣା ଯୋଗାଉଥିଲେ। ଜଣେ ସୁବକ୍ତା ଭାବେ ସମାଜରେ ପରିଚିତ ଥିଲେ। ଦଳିତ, ନିଷ୍ପେସିତ, ଅବହେଳିତ ମଣିଷର ସ୍ୱର ସାଜିଥିଲେ। ଦୃଢ଼ମନା ମୋହନ କିନ୍ତୁ ଜୀବନ ଯୁଦ୍ଧରେ ହାରିଗଲେ। ସଂଗ୍ରାମୀର ସଂଗ୍ରାମରେ ପୂର୍ଣ୍ଣଚ୍ଛେଦ ପଡ଼ିଗଲା। ଲଢ଼େଇର ମଙ୍ଗୁଆଳ ନିରବିଗଲେ। ଅଧିକାରର ସ୍ୱର ସାଜିଥିବା ପୂର୍ବତନ ସାଂସଦ ମୋହନ ଜେନାଙ୍କୁ ହରାଇ ସ୍ତବ୍ଧ ପାଲଟି ଯାଇଛି ଯାଜପୁର ଜିଲ୍ଲା। ଶୋକରେ ଭାଙ୍ଗି ପଡ଼ିଛି ବଡ଼ଚଣା ମାଟି। ଯାଜପୁର ଜିଲ୍ଲା ଧାନମଣ୍ଡଳ ପଞ୍ଚାୟତ ଶାସନସୀମା ଗ୍ରାମରେ ୧୯୫୯ ନଭେମ୍ବର ୫ରେ ଜନ୍ମ ନେଇଥିଲେ ମୋହନ ଜେନା। ଧାନମଣ୍ଡଳ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ପରେ କେନ୍ଦ୍ରାପଡ଼ାରୁ ଉଚ୍ଚଶିକ୍ଷା ଶେଷ କରିଥିଲେ। ପରେ ଉଚ୍ଚତର ଶିକ୍ଷା ପାଇଁ ଭୁବନେଶ୍ୱରରେ ପାଦ ଥାପିଥିଲେ ମୋହନ। ଶିକ୍ଷା ସହ ସଂସ୍କାରକୁ ଆଦରିଥିବା ମୋହନ ଛାତ୍ରଜୀବନରୁ ମାଟି ପାଇଁ ପାଟି ଖୋଲିଥିଲେ। ବଡ଼ଚଣାରେ ଜନ୍ମିତ ଦଳିତ ପରିବାରର ଏହି ଶିଶୁ ସମଗ୍ର ଅଞ୍ଚଳକୁ ବିକଶିତ କଲେ। ଉତ୍କଳ ବିଶ୍ୱବିଦ୍ୟାଳୟରେ ପିଜି କରିବା ବେଳେ ଛାତ୍ର ରାଜନୀତିକୁ ଓହ୍ଲାଇଥିଲେ। ଏସୟୁସିଆଇର ଛାତ୍ର ସଂଗଠନ ଡିଏସଓ ସହିତ ଜଡ଼ିତ ହୋଇଥିଲେ। ୧୯୮୩ରେ ବିଶ୍ୱବିଦ୍ୟାଳୟ ଛାତ୍ର ସଂଗଠନର ସଭାପତି ଆସନ ଅଳଙ୍କୃତ କରିଥିବା ମୋହନ ଯାଜପୁର ପାଇଁ ଗୌରବ ଆଣି ଦେଇଥିଲେ। ଜ୍ଞାନର ଭଣ୍ଡାର ମୋହନ ତୀକ୍ଷଣ ଭାଷଣରେ ସମସ୍ତଙ୍କୁ ଚକିତ କରି ଦେଉଥିଲେ। ମୋହନଙ୍କ ଏହି କୃତିତ୍ୱ ରାଜ୍ୟ ରାଜନୀତିରେ ପରିଚୟ ସୃଷ୍ଟି କଲା।

ଜନତାଦଳ ସହ ସମ୍ପର୍କରେ ରହିଥିବା ମୋହନ ଦଳର ବିଭାଜନ ବେଳେ ଯାଜପୁର ଲୋକସଭା ଆସନ ପାଇଁ ଲଢ଼େଇ କରିଥିଲେ। ଜନତାଦଳର ତତ୍କାଳୀନ ସଭାପତି ସ୍ୱର୍ଗତଃ ଅଶୋକ ଦାସଙ୍କ ନିର୍ଦ୍ଦେଶରେ ପ୍ରତ୍ୟକ୍ଷ ରାଜନୀତିକୁ ଓହ୍ଲାଇଥିବା ମୋହନ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ଯାଜପୁର ସାଂସଦ ଭାବେ ଦାୟିତ୍ୱ ତୁଲାଇଥିଲେ। ଜନତା ଦଳ ଛାଡ଼ି ବିଜୁ ଜନତା ଦଳକୁ ଆଦରିଥିବା ମୋହନଙ୍କୁ ବିଜେଡ଼ି ସଭାପତି ନବୀନ ପଟ୍ଟନାୟକ ସାଂସଦ ଭାବେ ଲୋକସଭା ନିର୍ବାଚନ ଲଢ଼ିବାକୁ ଯାଜପୁର ପଠାଇଥିଲେ। ଲଗାତାର ଦୁଇଥର ବିଜେଡ଼ିରୁ ସାଂସଦ ମୋହନ ଯାଜପୁର ଜିଲ୍ଲାର ରେଳ ବିକାଶ, ପର୍ଯ୍ୟଟନ ବିକାଶ ଏବଂ ସାମଗ୍ରୀକ ବିକାଶ ଉପରେ ସଂସଦରେ ତୁମ୍ବିତୋଫାନ କରିଥିବା ସମସ୍ତେ ଜାଣନ୍ତି। ତାଙ୍କର ଏହି ଦଶବର୍ଷର ସଂସଦୀୟ ଜୀବନ ଯାଜପୁରର ଅନେକ ପ୍ରକଳ୍ପରେ ଝଲସୁଛି। ଯୁଗାବତାର ପୂଜ୍ୟଶ୍ରୀ କୁମାର ଭାଇଙ୍କ ହାତଗଢ଼ା ଅନୁଷ୍ଠାନ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ସେ ଜଣେ ଅନ୍ୟତମ ବଡ଼ ଶୁଭେଚ୍ଛୁ ଓ ପରିବାରର ସଦସ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। ଅନୁଷ୍ଠାନର ଅନେକ କାର୍ଯ୍ୟକ୍ରମରେ ସେ ଯୋଗଦେଇଛନ୍ତି। ତାଙ୍କ ସହଯୋଗ ଓ ପ୍ରେରଣା ଆମ ଅନୁଷ୍ଠାନ ପାଇଁ ଚିର ଅଭୁଲା ହୋଇ ରହିବ। ଏହି ଲେଖିକା ତାଙ୍କ ସହ ଅନେକ ମୂଲ୍ୟବାନ ପରାମର୍ଶ ଓ ସହଯୋଗ ପାଇଛି। ଜନପ୍ରତିନିଧି ଭାବେ ଲୋକଙ୍କ କଲ୍ୟାଣ ପାଇଁ ସେ କରିଯାଇଥିବା କାର୍ଯ୍ୟ ସର୍ବଦା ସ୍ମରଣୀୟ ହୋଇ ରହିବ। ଓଡ଼ିଶା ରାଜନୀତି କ୍ଷେତ୍ରରେ ତାଙ୍କ ବିକାଶମୂଳକ ଓ ଜନସେବା କାର୍ଯ୍ୟ ସବୁଦିନ ପାଇଁ ସ୍ମରଣ ରହିବା ସହ ରାଜ୍ୟ ରାଜନୀତିରେ ପ୍ରଭାବ ବିସ୍ତାର କରିଥିବା ସ୍ୱର୍ଗତଃ ମୋହନବାବୁଙ୍କ ପରଲୋକ ରାଜ୍ୟ ରାଜନୀତିରେ ଗୋଟିଏ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି।

-ଡଃ. ଅରୁନ୍ଧତୀ ଦେବୀ, ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ: ୯୯୩୭୧୭୨୮୧୦

ପୂର୍ବତନ ସାଂସଦ ମୋହନ ଯେନାଙ୍କ ବିୟୋଗରେ ଶୋକ

ଯାଜପୁର (ନି.ପ୍ର): ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ଯାଜପୁର ଲୋକସଭାର ପୂର୍ବତନ ସାଂସଦ ମୋହନ ଯେନାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରାଯାଇଛି। ସ୍ୱର୍ଗତଃ ଯେନା ଯାଜପୁର ସଂରକ୍ଷିତ ଲୋକସଭା ଆସନରୁ ପ୍ରତିନିଧିତ୍ୱ କରିବା ସମୟରେ ଜିଲ୍ଲାର ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ। ସେ ଦଳିତ ଓ ନିଷ୍ପେସିତମାନଙ୍କର ସମସ୍ୟାକୁ ଉତ୍‌ଥାନ କରିବା ପାଇଁ ଅଧିକାର ନାମକ ପତ୍ରିକା ମାଧ୍ୟମରେ ସ୍ୱର ଉତ୍ତୋଳନ କରୁଥିଲେ। ସେ ଯାଜପୁର ରାଜ୍ୟସ୍ତରୀୟ ପୁସ୍ତକମେଳାରେ ଅତିଥିଭାବେ ଆସି ପ୍ରେରଣା ଦେଉଥିଲେ। ସେ ଶେଷଜୀବନ ପର୍ଯ୍ୟନ୍ତ ଜନତାଙ୍କର ସେବାରେ ନିୟୋଜିତ ରହିଥିଲେ। ଗରିବ ଓ ଦୁଃସ୍ଥ ଲୋକମାନଙ୍କର ସେବା ସାହା ଭରସା ଥିଲେ। ତାଙ୍କର ଅକାଳ ବିୟୋଗରେ ପ୍ରତ୍ୟକ୍ଷ ଜନସେବା କ୍ଷେତ୍ରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହେଲା। ଅନନ୍ୟାର ସାଭପତି ସନ୍ତୋଷ କୁମାର ନନ୍ଦ, ଉପସଭାପତି ବିଭୂତି ମହାପାତ୍ର, ସଂପାଦକ ଡଃ କାହ୍ନୁ ଚରଣ ମିଶ୍ର, ସଂଗଠନ ସମ୍ପାଦକ ହୃଷୀକେଶ ପତି, ସାଂସ୍କୃତିକ ସମ୍ପାଦକ ପାଣ୍ଡବ ଚରଣ ସାହୁ, ଶିକ୍ଷାବିତ ଦଶରଥ ସାମଲ, ଆଡ୍‌ଭୋକେଟ୍ ମନୋଜ କୁମାର ନାଥ, ଅଖିଳ ମୋହନ ଦାଶ, ଦିନଚର୍ଯ୍ୟା ସଂପାଦକ ତପନ କୁମାର ମହାରଣ୍ୟ, ବିଶ୍ୱଜିତ୍ ସାହୁ, ବୃନ୍ଦାବନ ମିଶ୍ର, ଅଭିମନ୍ୟୁ ମିଶ୍ର, ଅକ୍ଷୟ କୁମାର ପୃଷ୍ଟି ଅଧକ୍ଷ ଅନୀଲ ମହାନ୍ତି, ପ୍ରଫେସର ଉଦୟନାଥ ପରିଡ଼ା, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ଜିତେନ୍ଦ୍ର ବେହେରା, ପ୍ରଦୀପ୍ତ ଦାସ, କୈଳାସ ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଅଧ୍ୟାପକ ବଳରାମ ମହାନ୍ତି, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଅଧକ୍ଷ ଅଶୋକ ଦାଶ, ପ୍ରାକ୍ତନ ଅଧକ୍ଷ ବିନୋଦ ଚନ୍ଦ୍ର ନାୟକ, ସାମ୍ବାଦିକ ଆଦିତ୍ୟ ମହାନ୍ତି, ବିଜୟ ମହାପାତ୍ର, ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

କେଡିଏମ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ, ସାହାଣୀଡ଼ିହ ବିଜୟୀ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଗଡମଧୁପୁର ଖେଳପଡିଆରେ କଳ୍ପତରୁ ଦାସ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ସାହାଣୀଡିହ ପଂଚାୟତ ଟିମ ୩୧ ରନରେ ପୁରୁଣା ବଉଳମାଳକୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉନ୍ନିତ ହୋଇଛି। ପୁରୁଣା ବଉଳମାଳ ଟିମ ଟସ ଜିତି ବୋଲିଂ କରିବାକୁ ନିଷ୍ପତି ନେଇଥିଲା। ସାହାଣୀଡିହ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ଉଇକେଟ ହରାଇ ୧୮୧ରନ କରିଥିଲା। ଦଳପକ୍ଷରୁ ଆକାଶ ମାହାନ୍ତି ୪୯ ଓ ଶୌରଭ ଭୁୟାଁ ୨୭ ରନ କରିଥିଲେ। ବଉଳମାଳ ଟିମର ସନ୍ତୋଷ ପ୍ରଧାନ ୩ଟି ଓ ବାବୁଲି ପରିଡା ୨ଟି ଉଇକେଟ ନେଇଥିଲେ। ଜବାବରେ ପୁରୁଣା ବଉଳମାଳ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୧୫୦ ରନ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଦଶରଥ ସାମଲ ୩୯ ଓ ବସନ୍ତ ପ୍ରଧାନ ୩୦ ରନ ସଂଗ୍ରହ କରିଥିଲେ। ବିପକ୍ଷ ଟିମର ପ୍ରଶାନ୍ତ ବଳ ୪ଟି ଓ ଜିତେନ୍ଦ୍ର ଓଝା ୨ଟି ଉଇକେଟ ନେଇଥିଲେ। ଏହି ମ୍ୟାଚକୁ ଇନ୍ତେଖାବ ଆଲମ ଓ ସୁଭ୍ରଜିତ ଦାସ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ବ୍ଲକ ଅଧ୍ୟକ୍ଷ ତଥା କେଡିଏମ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା ବିଶ୍ୱ ବିଜୟିନୀ ମିଶ୍ର, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଡ. ପ୍ରିୟନାଥ ମହାପାତ୍ର, ମମତା ଦଣ୍ଡପାଟ, ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି, ଉତ୍କଳମଣି ଦାସ, ଜଳଧର ସାହୁ, ଜିଲ୍ଲାପରିଷଦ ସଭ୍ୟା ପ୍ରଣତି ଲେଙ୍କା, ସ୍ମୃତିରେଖା ବେହେରା, ନିରଂଜନ ରାଉତ, କ୍ଷୀତିଶ ନାୟକ,ଜଗଦାନନ୍ଦ ରାଉତ, ନିର୍ମଳ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଖେଳପଡିଆରେ ୨ ଗୋଟି ମ୍ୟାଚ ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରଥମ ମ୍ୟାଚ ଥାନୁଆଳ ଓ ବୃନ୍ଦାଦେଇପୁର ଓ ଦ୍ୱିତୀୟ ମ୍ୟାଚ ସମ୍ପାରୁ ଓ ଅଂଟିଆ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କେଡିଏମ ଉପାଧ୍ୟକ୍ଷ ରଶ୍ମୀରଂଜନ ରାୟ ସୂଚନା ଦେଇଛନ୍ତି।

ମାତୃମୃତ୍ୟୁ ରୋକିବାରେ ଓଡ଼ିଶା ଦ୍ୱିତୀୟ

ସର୍ବୋତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବାରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ପାଇଥିବାବେଳେ ଏଥିରେ ଆଉ ଏକ ଅଧ୍ୟାୟ ଯୋଡ଼ି ହୋଇଛି। ମାତୃ ମୃତ୍ୟୁହାର ରୋକିବାରେ ଓଡ଼ିଶାକୁ ମିଳିଛି ଅଭୁତପୂର୍ବ ସଫଳତା। ଏହି କ୍ଷେତ୍ରରେ ଓଡ଼ିଶା ଦେଶର ବଡ଼ ରାଜ୍ୟ ମାନଙ୍କୁ ପଛରେ ପକାଇ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ରାଜ୍ୟ ସରକାରଙ୍କର ନିରନ୍ତର ଉଦ୍ୟମ ଫଳରେ ଉଭୟ ଶିଶୁ ଓ ମାତୃ ମୃତ୍ୟୁ ହାର ତଳକୁ ଖସି ଚାଲିଥିବା ବେଳେ ସ୍ୱତନ୍ତ୍ର ପଦକ୍ଷେପ ହେତୁ ଏଥିରେ ନୂଆ କୀର୍ତ୍ତିମାନ ଯୋଡ଼ିବାରେ ରାଜ୍ୟ ସଫଳ ହୋଇଛି।

ଭାରତ ସରକାରଙ୍କ ପକ୍ଷରୁ ଜାରି ସାମ୍ପଲ ରେଜିଷ୍ଟ୍ରେସନ ସିଷ୍ଟମ ୨୦୧୮-୨୦ର ରିପୋର୍ଟ ଉପଲବ୍ଧ ତଥ୍ୟ ଅନୁସାରେ ରାଜସ୍ଥାନରେ ୭୩ ମାତୃ ମୃତ୍ୟୁ ହାର ସବୁଠାରୁ କମ ରହିଥିବାବେଳେ ଏହା ପଛକୁ ଓଡ଼ିଶା ଏବଂ ଉତ୍ତର ପ୍ରଦେଶ ୪୯ ରହିଛନ୍ତି। ବିହାର ୪୭ ତୃତୀୟ ସ୍ଥାନ ଅଧିକାର କରିଛି। ରିପୋର୍ଟ ଅନୁସାରେ ୨୦୧୫-୧୭ରେ ଓଡ଼ିଶାରେ ପ୍ରତି ହଜାରେ ପ୍ରସବରେ ୧୬୮ ରହିଥିଲା। ତେବେ ୨୦୧୮-୨୦ ବେଳକୁ ଏହା ୪୯ ପଏଣ୍ଟ ହ୍ରାସ ପାଇ ୧୧୯ରେ ପହଞ୍ଚିଛି। ଜାତୀୟ ହାର ଠାରୁ ଏହା ସାମାନ୍ୟ ଅଧିକ ରହିଛି। ୨୦୦୧-୦୩ରେ ଓଡ଼ିଶାରେ ପ୍ରତି ଏକ ହଜାର ପ୍ରସବରେ ୩୫୮ ମହିଳା ପ୍ରାଣ ହରାଉଥିବା ବେଳେ ୨୦୦୪-୦୬ରେ ୩୦୩, ୨୦୦୭-୦୯ରେ ୨୫୮, ୨୦୧୦-୧୨ରେ ୨୩୫, ୨୦୧୧-୧୩ରେ ୨୨୨, ୨୦୧୪-୧୬ରେ ୧୮୦, ୨୦୧୫-୧୬ରେ ୧୬୮, ୨୦୧୬-୧୮ରେ ୧୫୦, ୨୦୧୭-୧୯ରେ ଏହା ୧୩୬ ରହିଥିଲା। ଚଳିତ ବର୍ଷ ମେ ମାସରେ ଏସଆରଏସ ୨୦୧୭-୧୯ ରିପୋର୍ଟରେ କୁହାଯାଇ ଥିଲା ଯେ ଓଡ଼ିଶାରେ ମାତୃ ମୃତ୍ୟୁହାର ୧୪ ପଏଣ୍ଟ ହ୍ରାସ ପାଇଛି। ଏହି ସମୟରେ ଓଡ଼ିଶା ସମଗ୍ର ଦେଶରେ ୫ମ ସ୍ଥାନରେ ରହିଥିଲା। ସମ୍ପୂର୍ଣ୍ଣା କାର୍ଯ୍ୟକ୍ରମ ଅଧୀନରେ ମାତୃ ମୃତ୍ୟୁ ହାର ରୋକିବା ଲକ୍ଷ୍ୟରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ଇଣ୍ଟିଗ୍ରେଡ଼ ଭିଲେଜ ହେଲଥ ସାନିଟେସନ ଏବଂ ପୋଷଣ ଦିବସ କାର୍ଯ୍ୟକ୍ରମ ଅଧୀନରେ ପ୍ରତି ଗର୍ଭବତୀଙ୍କର ଅନ୍ୟୁନ ଚାରି ଥର ସ୍ୱାସ୍ଥ୍ୟ ପରୀକ୍ଷା ସୁନିଶ୍ଚିତ କରାଯାଉଛି। ଡାକ୍ତରଖାନାରେ ପ୍ରସବ ସୁନିଶ୍ଚିତ କରିବା ପାଇଁ ଜନନୀ ଏକ୍ସପ୍ରେସ ପ୍ରଚଳନ କରାଯାଇଥିବାବେଳେ ହାଇ ଡିପେଣ୍ଡେନ୍ସି ୟୁନିଟ ଅତିରିକ୍ତ ମାତୃତ୍ୱ ପ୍ରତିଷ୍ଠାଳୟ ଆଦି ପ୍ରତିଷ୍ଠା ସହିତ ପ୍ରସବ ଗୃହର ଗୁଣବତ୍ତା ସୁନିଶ୍ଚିତ କରିବା, ମା ଓ ଶିଶୁ କିଟ ପ୍ରଦାନ ଭଳି ପଦକ୍ଷେପ ନିଆଯାଉଛି। ସେହିପରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ଜନନୀ ସୁରକ୍ଷା ଯୋଜନା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ, ଲକ୍ଷ୍ୟ, ପ୍ରଥମ ରେଫରାଲ ୟୁନିଟ କାର୍ଯ୍ୟକ୍ରମ ଭଳି ଅନେକ ବ୍ୟବସ୍ଥା କରାଯାଇଛି। ସେହିପରି ଗ୍ରାମାଞ୍ଚଳ ସ୍ତରରେ ଗର୍ଭବତୀ ଓ ଶିଶୁଙ୍କ ପାଇଁ ଏକାଧିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପ୍ରଚଳନ କରାଯାଇଛି। ସର୍ବଭାରତୀୟ ସ୍ତରରେ ମାତୃ ମୃତ୍ୟୁହାର ରୋକିବା କ୍ଷେତ୍ରରେ ଓଡ଼ିଶା ଯେଉଁ ସଫଳତା ପାଇଛି ତାହା ଭାରତର ଅନ୍ୟ ରାଜ୍ୟ ପାଇଁ ଆଦର୍ଶ ଓ ଉଦାହରଣ ସୃଷ୍ଟି କରିଛି। ତେବେ ଏ କ୍ଷେତ୍ରରେ କେବଳ ସରକାର ବା ପ୍ରଶାସନର ଦାୟିତ୍ୱବୋଧତା ଠାରୁ ଗୁରୁତ୍ୱପୂର୍ଣ୍ଣ ସହଯୋଗୀତା ସମସ୍ତଙ୍କର ରହିଛି। ପ୍ରାୟତଃ ଦେଖାଯାଏ ମା' ମାନଙ୍କ ଚିକିତ୍ସା କ୍ଷେତ୍ରରେ ଅନେକ ସ୍ଥାନରେ ଲୋକମାନେ ଘରୋଇ ବା ତୁଟୁକା ତୁଟୁକି ଚିକିତ୍ସାର ସହଯୋଗ ନେଇଥାନ୍ତି କିନ୍ତୁ ଏହା ଆଦୌ ଠିକ ନୁହେଁ। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସମସ୍ତ ଚିକିତ୍ସାର ମାଗଣା ପରୀକ୍ଷା, ପରାମର୍ଶ ଓ ଔଷଧ ବଣ୍ଟନର ବ୍ୟବସ୍ଥା ରଖିଛନ୍ତି ଏହାର ସୁଯୋଗ ନେବା ଜରୁରୀ।

ଡାକ୍ତର କାନ୍ତୀ ନାୟକ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ, E-mail : drkanti111nayak@gmail.com

ଜାଗୃତି ଫାଉଣ୍ଡେସନ ଇଣ୍ଡିଆର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଯାଜପୁର (ପିଏନ୍): ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବକ ଅନୁଷ୍ଠାନ ଜାଗୃତି ଫାଉଣ୍ଡେସନ ଇଣ୍ଡିଆ ଯାଜପୁର ଜିଲ୍ଲା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବିରଜା ମହିଳା ମହାବିଦ୍ୟାଳୟଠାରେ ରାଜ୍ୟ ଅଧକ୍ଷା ଡାକ୍ତର ଶୁଭ୍ରା ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଯାଜପୁର ପୌରପାଳିକାର ଅଧକ୍ଷା ରଂଜିତା ହୋତା ଶିବିରକୁ ଉଦ୍‌ଘାଟନ କରିବା ସହ ଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକ ମୁଖ୍ୟ ଅତିଥି, ଯାଜପୁର ପୌରପାଳିକାର କାଉନ୍‌ସିଲର ସୁବାଶିଷ ରାଉତ, ବିରଜା ମହିଳା ମହାବିଦ୍ୟାଳୟର ଅଧକ୍ଷ ଡଃ ଅଖିଳମୋହନ ପାଢ଼ୀ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ସୁଧାଂଶୁ ଶେଖର ବଳ, ଜାଗୃତି ଫାଉଣ୍ଡେସନ ଇଣ୍ଡିଆର ପ୍ରତିଷ୍ଠାତା ଡାକ୍ତର ରବୀନ୍ଦ୍ର କୁମାର ରାଉତରାୟ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉପସଭାପତି ପାଣ୍ଡବ ଚରଣ ସାହୁ, ମାନସୀ ମିଶ୍ର, ରାଜ୍ୟ ସଂଗଠକ ପ୍ରଦୀପ କୁମାର ବେହେରା, ସ୍ୱର୍ଣ୍ଣଲତା କର, ସାଧାରଣ ସମ୍ପାଦକ ସୁବାସ ମହାପାତ୍ର, ସଂଗଠନ ସମ୍ପାଦକ ବିନୟ ମହାପାତ୍ର, ଇଚ୍ଛାମୟୀ ଧଳ, ସାଂସ୍କୃତିକ ସମ୍ପାଦକ ଧନଞ୍ଜୟ ମିଶ୍ର, ପ୍ରୋଗ୍ରାମ କୋର୍ଡ଼ିନେଟର ପ୍ରକାଶ କୁମାର ମଲ୍ଲିକ, ଅଭୟ ଜେନା, ଆଇନ ପରାମର୍ଶଦାତା ଆଡ୍‌ଭୋକେଟ୍ ମନୋଜ ନାଥ, ସଦସ୍ୟ/ ସଦସ୍ୟା ପ୍ରମୋଦ କୁମାର ବେହେରା, ସୁବ୍ରତ ନାୟକ, ଟୁଟୁ ଲେଙ୍କା, ରଜତ କୁମାର ମିଶ୍ର, ସନ୍ତୋଷ ଓଝା, ନିରୁପମା ସେଠୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଯୁବକମାନଙ୍କ ମଧ୍ୟରେ ରକ୍ତଦାନ ପାଇଁ ଏକ ସ୍ୱେଚ୍ଛାକୃତ ମନୋଭାବ ଏବଂ ଜାଗୃତି ଫାଉଣ୍ଡେସନ ଇଣ୍ଡିଆର ଏହି ମହତ୍ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହ ଆଗାମୀ ଦିନରେ ସମସ୍ତ ଅନୁଷ୍ଠାନ ରକ୍ତଦାନ ମାଧ୍ୟମରେ ଗୋଟିଏ ଜୀବନ ବଞ୍ଚାଇବାକୁ ଆଗେଇ ଆସିବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଆଧାର ଅପ୍‌ଡେଟ୍ କାର୍ଯ୍ୟକ୍ରମ ପାଇଁ ଜିଲ୍ଲାସ୍ତରୀୟ ଆଧାର ପରିଚାଳନା କମିଟିର ପ୍ରଥମ ବୈଠକ

ଭଦ୍ରକ, (ପି.ଏନ): ବ୍ୟକ୍ତିର ପରିଚୟ, ବିଭିନ୍ନ ସରକାରୀ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଆଧାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନିୟମ ଅନୁସାରେ ଆମକୁ ଆଧାର ସମ୍ବନ୍ଧୀୟ ଅପ୍‌ଡେଟ୍ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ନିମନ୍ତେ ପଦକ୍ଷେପ ନେବାକୁ ହେବ । ଆଧାର ହିଁ ସାମାଜିକ ଜୀବନରେ ଅନେକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ବେଳେ ଜୀବନ ପ୍ରଣାଳୀକୁ ସହଜ କରିଥାଏ । ଆଧାର ଅପ୍‌ଡେଟ୍ କାର୍ଯ୍ୟକ୍ରମ ପାଇଁ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଆଧାର ପରିଚାଳନା କମିଟିର ପ୍ରଥମ ବୈଠକରେ ଏହି ସୂଚନା ପ୍ରଦାନ କରାଯାଇଛି । ଅପ୍‌ଡେଟ୍ କରାଯିବା ନେଇ ଜିଲ୍ଲା ପ୍ରଶାସନ ତରଫରୁ ଗ୍ରହଣ କରାଯାଇଥିବା ପଦ

ଏମ୍‌ସ ଭୁବନେଶ୍ୱରରେ ଫାଇଲେରିଆ ନିରାକରଣ ଅଭିଯାନ ଅନ୍ତର୍ଗତ ସାର୍ବଜନୀନ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ

ଭୁବନେଶ୍ୱର,(ପି.ଏନ):- ଫାଇଲେରିଆ ନିରାକରଣ ଅଭିଯାନ ଅନ୍ତର୍ଗତ ସାର୍ବଜନୀନ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମକୁ ତ୍ୱରିତ କରିବା ଉଦ୍ଦେଶ୍ୟରେ ବୁଧବାର ଏମ୍‌ସ ଭୁବନେଶ୍ୱର ପରିସରରେ ଖୋର୍ଦ୍ଧା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ମିଳିତ ସହଯୋଗରେ ସାର୍ବଜନୀନ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାକୁ ସଫଳ ତଥା ସର୍ବବ୍ୟାପି କରିବା ନିମନ୍ତେ ଏମସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ସର୍ବପ୍ରଥମେ ଡିଇସି ଏବଂ ଆଲବେଣ୍ଡାଜୋଲ୍ ଟାବଲେଟ୍ ସେବନ କରିଥିଲେ। ଏଥିସହିତ ସମସ୍ତେ ଫାଇଲେରିଆ ନିରାକରଣ ଅଭିଯାନରେ ସାମିଲ ହୋଇ ଡିଇସି ଏବଂ ଆଲବେଣ୍ଡାଜୋଲ୍ ଟାବଲେଟ୍ ସେବନ କରିବାକୁ ଡ. ବିଶ୍ୱାସ ଆହ୍ୱାନ ଦେଇଥିଲେ। ନିଜେ ପ୍ରଥମେ ଏହି ଔଷଧ ସେବନ କରି ସମସ୍ତଙ୍କୁ ପାଇଁ ଉଦାହରଣ ସୃଷ୍ଟି କରିଥିଲେ ଡ. ବିଶ୍ୱାସ।

ଭାରତ ସରକାରଙ୍କ ନ୍ୟାସନାଲ ସେଂଟର ଫର ଭେକ୍ଟର ବୋର୍ନ ରୋଗ ନିୟନ୍ତ୍ରଣ ଅଧୀନରେ, ଦେଶର ୨୫୬ ଫାଇଲେରିଆପ୍ରବଣ ଜିଲ୍ଲାରେ ସାର୍ବଜନୀନ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ମାଧ୍ୟମରେ ବାର୍ଷିକ ଡିଇସି ଏବଂ ଆଲବେଣ୍ଡାଜୋଲ୍ ର ଆବଶ୍ୟକ ମାତ୍ରା ଦିଆଯାଇଥାଏ। ଉପରୋକ୍ତ ୨୫୬ ଫାଇଲେରିଆ ପ୍ରବଣ ଜିଲ୍ଲାଗୁଡ଼ିକ ମଧ୍ୟରୁ ଓଡ଼ିଶାରେ ଖୋର୍ଦ୍ଧା ସମେତ ୨୦ଟି ଏଣ୍ଡେମିକ୍ ଜିଲ୍ଲା ରହିଥିବା ଡ. ବିଶ୍ୱାସ ପ୍ରକାଶ କରିଛନ୍ତି। ଏମ୍‌ସ ଭୁବନେଶ୍ୱରରେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ଡିଇସି ଏବଂ ଆଲବେଣ୍ଡାଜୋଲ୍ ଟ୍ୟାବଲେଟ୍ ର ମାଗଣା ବଂଟନ ପାଇଁ ଓପିଡି ପରିସରରେ ଏକ ସ୍ୱତନ୍ତ୍ର ସାର୍ବଜନୀନ ବାତଜ୍ୱର ସେବନ କେନ୍ଦ୍ର (ଏମ୍‌ଡିଏ କର୍ଣ୍ଣର) ସ୍ଥାପନ କରାଯାଇଛି। ଏଥିସହିତ ଏମ୍‌ସର ସମସ୍ତ ଅଧ୍ୟାପକ/ ଅଧ୍ୟାପିକା, ଛାତ୍ରଛାତ୍ରୀ, କର୍ମଚାରୀ ଏବଂ ଏହାର ପରିସରରେ ରହୁଥିବା ସମସ୍ତ ପରିବାରକୁ ଏକ ଉତ୍ସର୍ଗୀକୃତ ସ୍ୱାସ୍ଥ୍ୟ ଦଳ ଦ୍ୱାରା ଏହି ଔଷଧ ବିତରଣ କରାଯାଉଛି। ଆଜି ଗୋଟିଏ ଦିନରେ ଏମ୍‌ସ ଭୁବନେଶ୍ୱରରେ ୫୪୪ରୁ ଅଧିକ ବ୍ୟକ୍ତି ମାଗଣା ବାତଜ୍ୱର ଔଷଧ ସେବନ କରିଛନ୍ତି।ଆଜି ଅନୁଷ୍ଠିତ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମରେ ଡିନ୍ (ଏକାଡେମିକ୍) ଡ. ପି ଆର ମହାପାତ୍ର, ଡିନ୍ (ଗବେଷଣା) ଡ. ବିନୋଦ ପାତ୍ର, ସିଏମ୍‌ଏଫ୍‌ଏମ୍ ବିଭାଗର ଅଧ୍ୟାପକ ଡ. ବିନୋଦ ବେହେରା ପ୍ରମୁଖ ଏହି ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ସିଡିଏମ୍ ଓ ଡ. ଆର୍ତବନ୍ଧୁ ନାୟକ, ଡିଏମ୍‌ଓ ଡ. ଜୀବନ୍ତ କୁମାର ଆଚାରି, ଭିବିଡିଟି ଦୀପକ କୁମାର ନାୟକ, ସୁସ୍ମିତା ସାମନ୍ତରାୟ, ଜିଲ୍ଲା ଅଧିକାରୀ ପିସି ଜୋବକମସନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ତପନେଶ୍ୱର ସାହିତ୍ୟ ସଂସଦ ତରଫରୁ ସମର୍ଦ୍ଧିତ କନ୍ଧମାଳର କବି

କନ୍ଧମାଳ ,(ପି.ଏନ): ବାରୀକପୁର, ଭଦ୍ରକର ତପନେଶ୍ୱର ସାହିତ୍ୟ ଓ କଳା ସଂସଦ ତରଫରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ କବି, କଳାକାର, ସାହିତ୍ୟିକ ସମାବେଶରେ କନ୍ଧମାଳର ବିଶିଷ୍ଟ କବିମାନେ ସମର୍ଦ୍ଧିତ ହୋଇଛନ୍ତି । ଅନୁଷ୍ଠାନର ବାର୍ଷିକ ଉତ୍ସବ ଓ ଜାଗରର ମହାମିଳନ ଉତ୍ସବ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କନ୍ଧମାଳର ବିଶିଷ୍ଟ ସାହିତ୍ୟିକ ଡ଼ଃ ନୃସିଂହାନନ୍ଦ ମହାପାତ୍ରଙ୍କୁ ସାହିତ୍ୟ ରତ୍ନ, ଜୀବନବ୍ୟାପୀ ସାଧନା ପାଇଁ ରବୀନ୍ଦ୍ରନାଥ ମିଶ୍ରଙ୍କୁ ସାହିତ୍ୟ ସମ୍ମାନ ଏବଂ ଶିଶୁ ସାହିତ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ କବି କୈଳାଶ ଚନ୍ଦ୍ର ଧଳଙ୍କୁ ବରିଷ୍ଠ ଶିଶୁ ସାହିତ୍ୟ ରତ୍ନ ପ୍ରଦାନ କରାଯାଇଛି । ବରିଷ୍ଠ କବି ଡ଼ଃ ପ୍ରସନ୍ନ ପାଟଶାହାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ସ୍ୱାମୀ ଦିନଦାୟଲ ସରସ୍ୱତୀ ମହାରାଜା ମୁଖ୍ୟବକ୍ତା,ନାଟ୍ୟକାର ବିଜୟ ଦାସ, ସମାଜସେବୀ ବିଶ୍ୱଜିତ ସୂର୍ଯ୍ୟବଂଶୀ, ଧାମନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲା ବେଳେ ପ୍ରତିଷ୍ଠାତା ସମ୍ପାଦକ ବୀରେନ୍ଦ୍ର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମର୍ଦ୍ଧିତ ସାହିତ୍ୟିକ ମାନଙ୍କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ସ୍ୱାଗତ କରାଯାଇଛି ।

ଦିଲ୍ଲୀପ ବାଗ ମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ

ମୁଖୀଗୁଡ଼ା, (ପି.ଏନ): ଜୟପାଟଣା ବ୍ଲକ ଅନ୍ତର୍ଗତ ପୋଲକାମୁଣ୍ଡା ଗ୍ରାମର ଗତ ୧୮ତାରିଖରୁ ନିଖୋଜ ଥିବା ଦିଲ୍ଲୀପ ବାଗ(୧୭)ର ମୃତଦେହ ମଙ୍ଗଳବାର ଜୟପାଟଣା ପୁଲିସ ହାତାନଦୀରୁ ଉଦ୍ଧାର କରିବା ପରେ ଆଜି ଜୟପାଟଣା ଡାକ୍ତର ଖାନାରେ ଶବବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଗତ ୧୮ତାରିଖରେ ଦିଲ୍ଲୀପ ଅଷ୍ଟ ପ୍ରହରି ଦେଖିବାକୁ ନିକଟସ୍ଥ ପୋଡ଼ାଗୁଡା ଗ୍ରାମକୁଯାଇ ରାତିରେ ଘରକୁ ଫେରିନଥିଲେ।

ଜିଲ୍ଲାସ୍ତରୀୟ ଉଦ୍ୟୋଗୀ ସପ୍ତାହ ପାଳନ ଅବସରରେ ମେଳା ଆୟୋଜନ ସକାଶେ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା, (ପି.ଏନ): ଜିଲ୍ଲାସ୍ତରୀୟ ଉଦ୍ୟୋଗୀ ସପ୍ତାହ - ୨୦୨୩ ପାଳନ ସକାଶେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀ, ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଆସନ୍ତା ମାର୍ଚ୍ଚ୫ରୁ ୯ମାର୍ଚ୍ଚ ପାଂଚଦିନ ବ୍ୟାପୀ ଉଦ୍ୟୋଗୀ ସପ୍ତାହ ପାଳନ ଅବସରରେ ସ୍ଥାନୀୟ ମନମୋହନ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ମେଳାର ଆୟୋଜନ ସମ୍ପର୍କରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲ୍ଲାର ବୃହତ ଶିଳ୍ପାନୁଷ୍ଠାନ, କର୍ପୋରେଟ ହାଉସ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ, ଓରମାସ, ବ୍ୟାଙ୍କ, ଶିଳ୍ପ ତାଲିମ କେନ୍ଦ୍ର, ପଲିଟେକନିକ ସମେତ ପୁଲିସ, ଅଗ୍ନିଶମ ଓ ବିଦ୍ୟୁତ ବିଭାଗର ମୋଟ ଏକ ଶହ ଷ୍ଟଲ ଆୟୋଜନ କରାଯିବ। ବିଭିନ୍ନ ବିଭାଗ ଓ ଶିଳ୍ପାନୁଷ୍ଠାନ ପକ୍ଷରୁ ଉନ୍ନୟନମୂଳକ କାର୍ଯ୍ୟକ୍ରମର ପ୍ରଦର୍ଶନ ସହ ଉତ୍ପାଦିତ ଦ୍ରବ୍ୟ ବିକ୍ରୟ ମଧ୍ୟ କରାଯିବ। କାର୍ଯ୍ୟକ୍ରମ ଆୟୋଜନ ସ୍ଥଳ ପରିଷ୍କାର ପରିଚ୍ଛନ୍ନ , ବିଦ୍ୟୁତ ଯୋଗାଣ , ଅତିଥି , ମହିଳା ଉଦ୍ୟୋଗୀ ଓ ସ୍ୱୟଂ ସହାୟକ ଗୋଷ୍ଠିମାନଙ୍କର ରହଣି, ସୁରକ୍ଷା କର୍ମୀ ମୁତୟନ, ଟ୍ରାଫିକ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ରକ୍ଷା, ପ୍ରାଥମିକ ଚିକିତ୍ସା, ପାନୀୟ ଜଳ ବ୍ୟବସ୍ଥା, ସିସି ଟିଭି କ୍ୟାମେରା, ସେଲ୍ଫି ପଏଂଟ ଓ ହୋର୍ଡିଙ୍ଗ ସ୍ଥାପନ, ପ୍ରଚାର ପ୍ରସାର ଓ ସାମ୍ବାଦିକ ସମ୍ମିଳନୀ ସମ୍ପର୍କରେ ବୈଠକରେ ଆଲୋଚନା କରାଯିବା ସହ ସମ୍ପୃକ୍ତ ଅଧିକାରୀମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଝାରସୁଗୁଡ଼ାରେ ଆଲୁମିନିଅମ ପାର୍କ ଓ ଅନ୍ୟାନ୍ୟ ଶିଳ୍ପ ପ୍ରତିଷ୍ଠା ନେଇ ଆଲୋଚନା ଚକ୍ରର ଆୟୋଜନ ସହ ଖଣି, ଜଳ, ବିଜୁଳି, ରେଳ ଓ ଆକାଶ ପଥରେ ଯୋଗାଯୋଗ ସମ୍ପର୍କିତ ଆଲୋଚନା ଚକ୍ର ଆୟୋଜନ ପାଇଁ ବୈଠକରେ ସ୍ଥିର କରାଯାଇଛି। ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ କୃଷ୍ଣଚନ୍ଦ୍ର ନାୟକ ମେଳା ଆୟୋଜନ ନେଇ ସୂଚନା ପ୍ରଦାନ କରିଥିଲେ।

ଫୁଲବାଣୀର ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦାବୀ ଉପସ୍ଥାପନା କଲା ସଂଗଠନ

କନ୍ଧମାଳ .(ପି.ଏନ): କନ୍ଧମାଳ ଜିଲ୍ଲା ଫୁଲବାଣୀର ବ୍ଲକର ମହିଳା ଜୀବିକା ସୁରକ୍ଷା ମଂଚ ଲୋକ ସଂଗଠନ ଦ୍ୱାରା ଆଜି ଫୁଲବାଣୀ ବ୍ଲକର ଥିବା ୧୧ ଗୋଟି ଗ୍ରାମ ପଂଚାୟତ ର ୧୨୪ଟି ଗ୍ରାମର ଦୁଇ ମାସ ଧରି, ସ୍ୱଚ୍ଛ ଗ୍ରାମ ଅଭିଯାନ ନିମନ୍ତେ ଏକ ସର୍ଭେ କରାଯାଇଛି, ଉକ୍ତ ସର୍ଭେ ରିପୋର୍ଟ ରେ ଗ୍ରାମାଂଚଳରେ ଥିବା ବିଭିନ୍ନ ସମସ୍ୟା ଯଥା, ସିସି ଡ୍ରେନ, କଂକ୍ରିଟ ରାସ୍ତା, ପିଇବା ପାଣି, ଖଲା କୂପ, ନଳକୂଅ, ଅଙ୍ଗନବାଡି କେନ୍ଦ୍ର ଏବଂ ବ୍ୟକ୍ତିଗତ ଶୌଚାଳୟ ଉପରେ ଏକ ତଥ୍ୟ ସଂଗ୍ରହ କରି ଆଜି ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରବୀଣ କୁମାର ବାଣୁଆଙ୍କୁ ଉକ୍ତ ସମସ୍ୟା ଉପରେ ପ୍ରାଧାନ୍ୟ ଦେବାପାଇଁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି। ସ୍ୱାଧୀନତା ତା ର ୭୫ ବର୍ଷ ବିତିଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସାଧାରଣ ଗାଁ ଗହଳି ରେ ବାସ କରୁଥିବା ଲୋକମାନେ ନିଜର ମୌଳିକ ସୁବିଧା ପାଇବାରେ ବଂଚିତ ଅଛନ୍ତି। ବିଶେଷ କରି ଆଗାମୀ ଗ୍ରୀଷ୍ମ ଋତୁକୁ ଦେଖି ଗ୍ରାମାଂଚଳ ଥିବା ଜଳ କଷ୍ଟ କୁ ସୁଧାରିବାକୁ, ପ୍ରତି ଗ୍ରାମର ଥିବା ଜଳ ର ଉତ୍ସ ଯଥା ଅଚଳ ନଳକୂପ, ଖୋଲା କୁଅଁ, ଷ୍ଟାଣ୍ଡ ପୋଷ୍ଟ, ଆଦି ଗୁଡିକ ତୁରନ୍ତ ମରାମତି କରିବା ସହିତ ଆବଶ୍ୟକ ଗ୍ରାମ ରେ ତୁରନ୍ତ ନୂତନ ନଳକୂଅ ଏବଂ ସୋଲାର ନଳକୂପ ନିର୍ମାଣ କରି ପ୍ରତି ଗ୍ରାମକୁ ଶୁଦ୍ଧ ପିଇବା ପାଣି ଯୋଗାଇ ଦେବା ନିମନ୍ତେ ମହିଳା ଜୀବିକା ସୁରକ୍ଷା ଲୋକ ସଂଗଠନ ଫୁଲବାଣୀ ପକ୍ଷରୁ ଦୃଢ ଦାବୀ କରିଛି।ଏହା ସହିତ ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ମଧ୍ୟ ଆବଶ୍ୟକ ଭିତିଭୂମି ନଥିବାରୁ ଛୋଟ ଛୋଟ ପିଲାମାନେ ନାହିଁ ନଥିବା ସମସ୍ୟାର ଶୀକାର ହେଉଥିବାର ଫୁଲବାଣୀ ବ୍ଲକରେ ଦେଖିବାକୁ ମିଳିଛି।ଆଜିର ଏହି ଦାବିପତ୍ର ଦେବା କାର୍ଯ୍ୟକ୍ରମରେ ଫୁଲବାଣୀ ବ୍ଲକର ୧୧ ଗୋଟି ଗ୍ରାମ ପଂଚାୟତର ମାଆମାନେ ଏବଂ ସଂଗଠନର ବ୍ଲକ ସଂଯୋଜୀକା ଏବଂ ଜିଲ୍ଲା କାର୍ଯ୍ୟ କାରିଣୀ କମିଟିର କର୍ମୀ କତା ମାନିନି ବେହେରା ବେହେରା, ସିଦ୍ଧେଶ୍ୱର ଭାଇ ବ୍ଲକ ସମ୍ପାଦକ ସୁମତି ମୁଖି ଜନସାଥି ମାନିନି ବେହେରା ସମେତ ବ୍ଲକର ଅନେକ ମାଆମାନେ ଯୋଗ ଦେଇଥିଲେ।ଏଭଳି ଅଭିଯୋଗକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋନଜ କୁମାର ପାଢ଼ୀ, ଖୁବ୍ ପ୍ରଶଂସା କରି ଯଥାଶୀଘ୍ର ଗ୍ରାମାଂଚଳର ଥିବା ପାଣି ସମସ୍ୟା ଏବଂ ସିସି ରାସ୍ତା, ନଳକୂଅ ମରାମତି କରାଯିବ ବୋଲି, ସଂଗଠନର ସମସ୍ତ କର୍ମକର୍ତାଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଇ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ବିଭାଗୀୟ ଯନ୍ତ୍ରୀଙ୍କୁ ଦିଆଯାଇଥିବା ସର୍ଭେ ରିପୋର୍ଟକୁ ପଠାଇ ତଦନ୍ତ କରି କାର୍ଯ୍ୟ ଆରମ୍ଭ କରିବାକୁ କହିଛନ୍ତି।

କୃଷି ଯନ୍ତ୍ରପାତି ଚଢା ଦରରେ ବିକ୍ରି ହେଉଥିବା ବିଜେପିର ଅଭିଯୋଗ

କେନ୍ଦ୍ରାପଡା,(ପି.ଏନ): କେନ୍ଦ୍ରାପଡା କଲେଜ ପଡିଆରେ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ଚାଲୁଥିବା ବେଳେ ଏଥିରେ ମିଳୁଥିବା କୃଷି ଯନ୍ତ୍ରପାତି ଚଢା ଦରରେ ବିକ୍ରି ହେଉଥିବା ବିଜେପି ଅଭିଯୋଗ କରିଛି। ଏହାର ବଜାର ଦରକୁ ୪୦-୫୦ ଭାଗ ବୃଦ୍ଧି କରାଯାଇ ସବସିଡି ପ୍ରଦାନ କରାଯାଉ ଥିବା ଅବିଯୋଗ ହୋଇଛି। ଜିଲ୍ଲା ବିଜେପି ଶାଖା ତରଫରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ କୃଷି ଓ କୃଷକର ସମସ୍ୟାର ସମାଧାନରେ ରାଜ୍ୟ ସରକାର ବିଫଳ ହୋଇଥିବା ଅଭିଯୋଗ କରାଯାଇଛି। ଜିଲ୍ଲାର ୭୫ ଭାଗ ଲୋକେ କୃଷି ଉପରେ ସଂପୂର୍ଣ୍ଣ ନିର୍ଭର କରୁଥିବା ବେଳେ ଜିଲ୍ଲାର ପ୍ରାୟ ୭ ଲକ୍ଷ ଲୋକ କାମଧନ୍ଦା ଅଭାବରୁ ଜୀବନ ଜୀବିକା ପାଇଁ ବାହାର ରାଜ୍ୟରେ ଦାଦନ ଖଟିବାକୁ ଯାଉଛନ୍ତି । ଆବାତ ଯୋଗ୍ୟ ଚାଷଜମି କମି ଯାଉଥିବା ବେଳେ ଫସଲ ଉତ୍ପାଦ ପାଇଁ ଯେତିକି ଖର୍ଚ୍ଚ ହୁଏ ସେତିକି ମୂଲ୍ୟ ଫସଲରୁ ମିଳିପାରୁ ନାହିଁ । ଜିଲ୍ଲାରେ ମୁଖ୍ୟତଃ ଧାନଚାଷ କରାଯାଉ ଥିବାବେଳେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟ ପଡିଆରେ ହେଉଥିବା କୃଷି ଓ କୃଷିଜାତ ଦ୍ରବ୍ୟ ସମ୍ବନ୍ଧୀୟ ଯନ୍ତ୍ରପାତି ପ୍ରଦର୍ଶନୀରେ ଚଢା ଦରରେ ଯନ୍ତ୍ରପାତି ବିକ୍ରି କରାଯାଉ ଥିବା ବିଜେପି ତରଫରୁ ଅଭିଯୋଗ ହୋଇଛି। ଖୋଲା ବଜାରରେ ସମାନ ଯନ୍ତ୍ରପାତି ୩୦ ରୁ ୪୦ ପ୍ରତିଶତ କମ୍‌ରେ ମିଳୁଥିବା ବେଳେ ପ୍ରଦର୍ଶନୀରେ ସେହି ଯନ୍ତ୍ରପାତିର ଦର ବଢାଯାଇ ସବସିଡି ପ୍ରଦାନ କରା ଯାଉଥିବା ବିଜେପି ଅଭିଯୋଗ କରିଛି । ଜିଲ୍ଲା ସାଧାରଣ ସଂପାଦକ ଅଭିମନ୍ୟୁ ଗୌଛାୟତଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୁବନ ମୋହନ ଜେନା, ପୂର୍ବତନ ବିଧାୟକ ଡ଼ଃ ଅଲେକ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ କୃଷି ନୀତିର ବିଫଳତାକୁ ସମାଲୋଚା କରିଥିଲେ।

ଜିଲ୍ଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ଓ ତାଲିମ ଶିବିର ପାଇଁ ପ୍ରସ୍ତୁତି ବୈଠକ

ବଲାଙ୍ଗୀର, (ପି.ଏନ): ସଇଁନ୍ତଲା ସ୍ଥିତ ନୋଡାଲ ହାଇସ୍କୁଲ ସଇଁନ୍ତଲା ଘଠାରେ ଜିଲ୍ଲା ସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଇଁନ୍ତଲା ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ ଜୁନିୟର ରେଡକ୍ରସ ସମ୍ପାଦକ ଅନ୍ତର୍ଯ୍ୟାମୀ ବିଶ୍ୱାଳ ଓ ଜିଲ୍ଲା ଜୁନିୟର ରେଡକ୍ରସ ଅଫିସର ସୁବାଷ ଚନ୍ଦ୍ର ପଟେଲ ସଂଯୋଜନା କରିଥିଲେ । ବୈଠକରେ ଜିଲ୍ଲା ସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ବିଜୟାନନ୍ଦ ହାଇସ୍କୁଲ ବେଲଗାଁ ଠାରେ ହେବାକୁ ଯାଉଛି। ଏହି ଅବସରରେ ସମସ୍ତଙ୍କୁ ବିଭାଗ ବଂଟନ କରାଯାଇଥିଲା। ସମସ୍ତେ ମିଳିମିଶି ତାଲିମ ଶିବିରର କାର୍ଯ୍ୟ ତୁଲାଇବା ପାଇଁ ସହମତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସଇଁନ୍ତଲା ବ୍ଲକର ବିଜୟାନନ୍ଦ ହାଇସ୍କୁଲର ବେଲଗାଁର ପ୍ରଧାନଶିକ୍ଷକ ନାରାୟଣ ମିଶ୍ର, ଏସଏସ୍‌ଡି ସଇଁନ୍ତଲାର ପ୍ରଧାନ ଶିକ୍ଷୟତ୍ରୀ ନିବେଦିତା ହୋତା, ଡେଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚାଣ୍ଡାଳ ମିଶ୍ର, ଧରବଗଡ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର କ୍ଷେତି, କେରମେଳି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ ମିଶ୍ର, କୁମ୍ଭାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦ୍ୱିତୀରଂଜନ ମହାଲିଂଗ, କରମତଲା ହାଇସ୍କୁଲର ପ୍ରଧାନ ଶିକ୍ଷକ ଦ୍ୱିତୀକୃଷ୍ଣ ପ୍ରଧାନ, ସିସକେଲା ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋଜ ବେହେରା, କଂସର ହାଇସ୍କୁଲର ପ୍ରଧାନ ଶିକ୍ଷକ ଘନଶ୍ୟାମ ଦଣ୍ଡସେନା, ବୁଢାବାହାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ବରୁଣ ସାହୁ, ନରାବାହାଲି ହାଇସ୍କୁଲର ପ୍ରଧାନଶିକ୍ଷକ ଗିତାଞ୍ଜଳୀ ନାଏକ, ରେଙ୍ଗାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ କୁଳମଣୀ ଯୋଶୀ, ଆମପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଜୟ କୁମାର ବାଘ, ଭତ୍ରା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀମନ୍ତ ଭୋଇ, ଘୁନସର ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଭିମନ୍ୟୁ ସାହୁ, ବଡମାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ରାଧେଶ୍ୟାମ ବାରିକ, ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ବିନାୟକ କୁମ୍ଭାର, କାଉନସ୍ଲେର ରଂଜିତା ମିଶ୍ର, ଅଶୋକ ପଧାନ, ନରୋତମ ବାରିକ, ସଂଜୟ ପଧାନ, ପୁରୁଷୋତମ ସାହୁ, ଶେଷଦେବ ବାରିକ, ରାଧେଶ୍ୟାମ ବାରିକ, ସୁନିଲ ମହାପାତ୍ର, ଗଗନ କୁମାର ବେହେରା ତଥା ଅନ୍ୟ କାଉନସ୍ଲେରମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଇଁନ୍ତଲା ବ୍ଲକ ଜୁନିୟର ରେଡକ୍ରସ ସଂଯୋଜକ ହେମନ୍ତ ବେମାଲ ପରିଚାଳନା କରିଥିବା ବେଳେ ଜିଲ୍ଲା ଜୁନିୟର ରେଡକ୍ରସର କାର୍ଯ୍ୟକାରିଣୀ କମିଟୀର ସଦସ୍ୟ ରାମ ନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରଧାନମନ୍ତ୍ରୀ ଓ ଆଦାନୀ ମେଗା ସ୍କାମ ପ୍ରତିବାଦରେ ପ୍ରଦେଶ କଂଗ୍ରେସର ଆନ୍ଦୋଳନ ସଜବାଜ

ସୁବର୍ଣ୍ଣପୁର,(ପି.ଏନ): ପ୍ରଧାନମନ୍ତ୍ରୀ ଓ ଅକ୍ଷଦାନୀ ମେଗା ସ୍କାମ ପ୍ରତିବାଦରେ ରାଜ୍ୟ କଂଗ୍ରେସର ଆନ୍ଦୋଳନ ପ୍ରସ୍ତୁତି ହୋଇଛି କ୍ଷସୋନପୁର ଜ଼ିଲ୍ଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ କସ୍ତୁରୀ ଲଜ ଠାରେ ଜ଼ିଲ୍ଲା ସଭାପତି ଗୌର

ଖୋଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK पर्यवेक्षक

Bhubaneswar Friday February 24, 2023 ଭୁବନେଶ୍ୱର ଶୁକ୍ରବାର, ଫେବୃଆରୀ ୨୪,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

ଖୋର୍ଦ୍ଧା ପଲ୍ଲୀଶ୍ରୀ ମେଳା ମଣ୍ଡପରେ ସାହିତ୍ୟ ଆଲୋଚନା ଓ କବିତା ପାଠୋତ୍ସବ

ଖୋର୍ଦ୍ଧା,(ପି.ଏନ): ଜିଲ୍ଲା ପ୍ରଶାସନ ପକ୍ଷରୁ ହାବେଳୀ ପଡ଼ିଆଠାରେ ଆୟୋଜିତ ଖୋର୍ଦ୍ଧା ମହୋତ୍ସବ ପଲ୍ଲୀ ଶ୍ରୀମେଳା ମଣ୍ଡପରେ ଅପରାହ୍ନ ଘ୪ ରୁ ଘ.୬ଟା ମଧ୍ୟରେ ସାହିତ୍ୟ ଆଲୋଚନା ଓ କବିତା ପାଠୋତ୍ସବ ହୋଇଯାଇଛି । ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦ ଓ ସାହିତ୍ୟ ଘର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ଇତିଶ୍ରୀ ସାହୁ ଓ କବି ଗୋବିନ୍ଦ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଭାଷା ସୁରକ୍ଷା ସମ୍ମିଳନୀର ଜିଲ୍ଲା ସଭାପତି ସତ୍ୟବାଦୀ ବଳିଆରସିଂହ ଅଧ୍ୟକ୍ଷତା କରିଥିଲେ । ଆମ ମାତୃଭାଷା ଓଡ଼ିଆର ଭବିଷ୍ୟତ ନେଇ ଆଲୋଚନା ପ୍ରସଙ୍ଗରେ ପ୍ରଫେସର ଡ଼.ଶରତ ଚନ୍ଦ୍ର ମହାପାତ୍ର କହିଲେ, "ଭାଷା ଭିତ୍ତିରେ ଆମ ରାଜ୍ୟ ଗଠିତ ହେବାର ୮୭ବର୍ଷ ବିତିଗଲାଣି । ଦୁଃଖ ଓ ଦୁର୍ଭାଗ୍ୟର ବିଷୟ ଭାଷା ସୁରକ୍ଷା ନେଇ ଏବେ ବି ଆମ ରାଜ୍ୟରେ ଆନ୍ଦୋଳନ ଚାଲିଛି । ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇବା ପରେ ମଧ୍ୟ ଓଡ଼ିଆ ଭାଷାରେ ପ୍ରଶାସନ ଚାଲୁନାହିଁ । ଏ ହୀନ ମାନ୍ୟତା କେତେ କାଳ ରହିବ ବୋଲି ଉଦ୍‌ବେଗ ପ୍ରକାଶ କରିଥିଲେ । ଶିକ୍ଷାବିତ୍ ଭୀମସେନ୍ ପ୍ରଧାନ କହିଲେ କେନ୍ଦ୍ର ଶିକ୍ଷା ବିଭାଗ ଇଞ୍ଜିନିୟରିଂ ପାଠ୍ୟକ୍ରମର ୨୪ଟି ପୁସ୍ତକ ଓଡ଼ିଆରେ ପ୍ରକାଶ କରିଥିବା ବେଳେ ଆମ ରାଜ୍ୟର ଅଧସ୍ତନ ଅଦାଲତମାନଙ୍କରେ ଇଂରାଜୀ ରେ ଜବାବ ସୁଆଲ ଚାଲିଛି । ସମାଜସେବୀ କୃଷ୍ଣ ଚନ୍ଦ୍ର ହରିଚନ୍ଦନ କହିଲେ ଭାଷା ଓ ଖିଲାପିକାରୀ ଅଧିକାରୀ ଓ କର୍ମଚାରୀମାନଙ୍କ ପାଇଁ ଦଣ୍ଡ ବ୍ୟବସ୍ଥା ଲାଗୁ କରାଯାଉ ଓ ଯଥାଶୀଘ୍ର ରାଜ୍ୟରେ ଭାଷା ଆୟୋଗ ଗଠନ କରାଯାଇ ମୁଖ୍ୟ ଶାସନ ସଚିବ ସମତୁଲ ପଦର ଅଧିକାରୀଙ୍କୁ ଆୟୋଗ ଅଧ୍ୟକ୍ଷ ପଦ ଦିଆଯାଉ । ଅନ୍ୟମାନଙ୍କ ମଧ୍ୟରେ ଚିଲିକା-ବାଣପୁର ଭାଷା ସୁରକ୍ଷା ସମ୍ମିଳନୀର ସଭାପତି ରଙ୍କନାଥ ସେଠୀ, ମାର୍ଗଦର୍ଶୀର ସମ୍ପାଦକ ଉମାଶଙ୍କର ପ୍ରସାଦ, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ସମାଜସେବୀ ରାମଶଙ୍କର, କିଶୋର ଚନ୍ଦ୍ର ପରମଗୁରୁ, ପ୍ରଫୁଲ୍ଲ କୁମାର ସାମାନ୍ତରା, ଅଧିବକ୍ତା ଶିବ ସୁନ୍ଦର ପଟ୍ଟନାୟକ, ମୃତ୍ୟୁଞ୍ଜୟ ଛୋଟରାୟ, ବିକ୍ରମ କେଶରୀ ଚମ୍ପତି, ଅନିରୁଦ୍ଧ ମହାନ୍ତି ,ପଣ୍ଡିତ ବାସୁଦେବ ସାହୁ, ହାଜି ନିଜାମୁଦ୍ଦିନ୍ ,ଦିବ୍ୟଲୋଚନ ଭାରିମଲ, ଡ.ବୃନ୍ଦାବନ ପଣ୍ଡା ବିଳାସିନୀ ଦାସ, ବିଦ୍ୟାଧର ଲେଙ୍କା, ଡ଼. ଚପଳା ପଣ୍ଡା, ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ଭାଷାର ଭବିଷ୍ୟତ ନେଇ ବକ୍ତବ୍ୟ ରଖିଥିଲେ । ପ୍ରତ୍ୟେକ ଲୋକ ନିମନ୍ତ୍ରଣ ପତ୍ର, ଦରଖାସ୍ତ ଆଦି ଇଂରାଜୀ ପରିବର୍ତ୍ତେ ଓଡ଼ିଆରେ ଲେଖିବାକୁ ଆହ୍ୱାନ ଦେଇଥିଲେ । କବି ଗୋବିନ୍ଦ ଚନ୍ଦ୍ର ମହାରଣାଙ୍କ ସଂଯୋଜନାରେ ୩୭ଜଣ କବି କବୟିତ୍ରୀ କବିତା ପାଠ କରିଥିଲେ । ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ସମ୍ପାଦିକା ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ

ହାଇୱା ପଛରେ ପିଟିଲା ବସ୍ : ୨୦ ଆହତ

ବାରିପଦା,(ପି.ଏନ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ଅନ୍ତର୍ଗତ ୨୨୦ ନମ୍ବର ଜାତୀୟ ରାଜପଥର କରଞ୍ଜିଆ ଗ୍ରୀଡ଼ ନିକଟରେ ଆଜି ପୂର୍ବାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ହାଇୱା ପଛରେ ବସ୍ ଧକ୍କା ଦେବାରୁ ୨୦ ଜଣ ଯାତ୍ରୀ ଆହତ ହୋଇଛନ୍ତି । ସମସ୍ତ ଯାତ୍ରୀଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଆହତ ଯାତ୍ରୀମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ଆଜି ଦିନ ପ୍ରାୟ ୧୧ ଟା ସମୟରେ କଲ୍ୟାଣି ନାମକ ଏହି ଘରୋଇ ଯାତ୍ରୀବାହୀ ବସ୍ ୪୦ ଜଣ ଯାତ୍ରୀଙ୍କୁ ନେଇ ହାତୀବାରିରୁ କରଞ୍ଜିଆ ଅଭିମୁଖେ ଆସୁଥିଲା । କରଞ୍ଜିଆ ଗ୍ରୀଡ଼ ନିକଟରେ ଏକ ହାଇୱା ରାସ୍ତାକଡ଼ରେ ଠିଆ ହୋଇଥିଲା । ବସ୍ ଟି ଭାରସାମ୍ୟ ହରାଇ ହାଇୱା ପଛରେ ଧକ୍କା ଦେଇଥିଲା ।

ମନସା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଜରାନିବାସ ଅନ୍ତେବାସୀଙ୍କୁ ସହାୟତା ପ୍ରଦାନ

ପାରାଦୀପ,(ପି.ଏନ): ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ମନସା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ପାରାଦୀପ ଉପକଣ୍ଠରେ ଥିବା ସାଇରାମ ଜରା ନିବାସ ଅନ୍ତେବାସୀଙ୍କୁ ସହାୟତା ପ୍ରଦାନ କରାଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜେଏସଡବ୍ଲ୍ୟୁ ଟର୍ମିନାଲର ମୁଖ୍ୟ ମନୀସ ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅନ୍ତେବାସୀଙ୍କୁ ୨୫ ଗୋଟି ଷ୍ଟିଲ ବେଡ୍, ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ ବଣ୍ଟନ କରାଯାଇଥିଲା । ଅନ୍ତେବାସୀ ସେମାନଙ୍କ ବ୍ୟବହୃତ ସାମଗ୍ରୀ ରଖିବା ପାଇଁ ଷ୍ଟିଲ ବାକ୍ସ ପ୍ରଦାନ କରାଯାଇଥିଲା । ଜରା ନିବାସ ଅନ୍ତେବାସୀଙ୍କ ଖାଦ୍ୟ ନିମନ୍ତେ ଆବଶ୍ୟକୀୟ ଖାଦ୍ୟ ସାମଗ୍ରୀ ଦିଆଯାଇଥିଲା । ମନସା ଚାରିଟେବୁଲ୍ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସମାଜସେବୀ ମୃତ୍ୟୁଂଜୟ ମିଶ୍ର ଏହି କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ । ଟ୍ରଷ୍ଟ ପକ୍ଷରୁ ଏନ୍.ସି.ଅଗସ୍ତି, ଅକ୍ଷୟ ଚନ୍ଦ୍ର ମିଶ୍ର,ସୁକାନ୍ତ ବେହେରା,ବୈଷ୍ଣବ ଚରଣ ରାଉତ,ବସନ୍ତ ଗୋଛାୟତ,ହରିହର ଜେନା,ମନୋଜ ମଣ୍ଡଳ ପ୍ରମୁଖ ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସୂର୍ଯ୍ୟ ପୂଜା ସହ ଗୋପୂଜା ଓ ଗୀତାଯଜ୍ଞ ଅନୁଷ୍ଠିତ

ଘଷିପୁରା:(ପି.ଏନ):ଆନନ୍ଦପୁର ଉପଖଣ୍ଡ ବେଲବାହାଳି ଗ୍ରାମରେ ଦୁଇଦିନ ଧରି ଶ୍ରୀ ବେଳକ୍ଷେତ୍ର ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ଦ୍ୱିତୀୟ ଦିନରେ ପୁରୀ ଶ୍ରୀମନ୍ଦିରରୁ ଆଜ୍ଞାମାଳ ଧରି ଆସିଥିବା ପଣ୍ଡିତ ମାନଙ୍କ ଦ୍ୱାରା ଯଜ୍ଞପାଠ ଆରମ୍ଭ ହୋଇଥିଲା । ଏଥିରେ ୧୫ଶହରୁ ଊର୍ଦ୍ଧ୍ୱ କଳସଧାରୀ ପୂଜାରେ ବସି ଗ୍ରାମର ମଙ୍ଗଳ କାମନା କରିଥିଲେ । ପ୍ରଥମେ ପଣ୍ଡିତ ମାନଙ୍କ ଦ୍ୱାରା ସୂର୍ଯ୍ୟପୂଜା, ମଣ୍ଡଳ ପୁଜା, କଳସ ପୂଜା, କୁଣ୍ଡ ପୂଜା ଆଦି କରାଯାଇ ଗୀତାଯଜ୍ଞ ଅଖଣ୍ଡ ପାଠ କରାଯାଇଛି । ମୁଖ୍ୟ ପୂଜକ ଭାବେ ପଣ୍ଡିତ ଅଜିତ କୁମାର କରି, କାଳି ପ୍ରସାଦ ଶତପଥି ଏବଂ ଗୋବର୍ଦ୍ଧନ ମହାପାତ୍ର ପ୍ରମୁଖ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ । ଏଥିରେ ୧୦ରୁ ଊର୍ଦ୍ଧ୍ୱ ଅନ୍ୟ ପଣ୍ଡିତମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ସଂକଳ୍ପରେ ଗ୍ରାମର ବେଣୁଧର ସାହୁ ଏବଂ ତାଙ୍କ ପତ୍ନୀ ସୁକୀ ସାହୁ ବସିଥିବା ବେଳେ ବଲ୍ଲଭ ପଣ୍ଡା ଏବଂ ତାଙ୍କ ପତ୍ନୀ ସବିତା ପଣ୍ଡା ବସିଥିଲେ । କମିଟିର ସଭାପତି ସାରଙ୍ଗ ସାହୁ ଏବଂ ପତ୍ନୀ ପ୍ରମିଳା ସାହୁ, ନାରାୟଣ ସାହୁ, ସୁପ୍ରଭା ସାହୁ, ଅନାମ ସାହୁ, ସାବିତ୍ରୀ ସାହୁ, କବିନ୍ଦ୍ର ସାହୁ, ପାର୍ବତୀ ସାହୁ, ଗୋପୀନାଥ ସାହୁ, ବାସ'ୀ ସାହୁ, ଅଧିକାରୀ ସାହୁ, ରାମମଣି ସାହୁ, ସମ୍ପାଦକ ପଞ୍ଚାନନ ସାହୁ ଏବଂ ପତ୍ନୀ ପାର୍ବତୀ ସାହୁ ପ୍ରମୁଖ ମୁଖ୍ୟ କର୍ତ୍ତା ଭାବେ ବସିଥିଲେ ।

କୁଶ ରନ ପଟ୍ଟନାୟକ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଦିନରେ ଜଗା ୟୁନାଇଟେଡ୍ ବିଜୟୀ

ଆନନ୍ଦପୁର:(ପି.ଏନ):ଆନନ୍ଦପୁର ଷ୍ଟାଡିୟମ୍ ଠାରେ ଚାଲିଥିବା ରାଜ୍ୟ ସ୍ତରୀୟ ସ୍ମାରକି କୁଶ ରନ ପଟ୍ଟନାୟକ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ଜଗା ୟୁନାଇଟେଡ୍ (ଭୁବନେଶ୍ୱର) ଶିମିଳିପାଳ (ବାରିପଦା)କୁ ୨-୦ ଗୋଲରେ ହରାଇ ବିଜୟୀ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ଉପଖଣ୍ଡର ଏସ୍‌ଡିପିଓ ପ୍ରଶା' କୁମାର ବେହେରା ଏବଂ ପୌରପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ, ପୂର୍ବତନ କ୍ରୀଡା ସଂସଦର ସମ୍ପାଦକ ମନୋରନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟ ରେଫରୀ ଭାବେ ସଂ'ାଷ ରାଉତ ଖେଳ ପରିଚାଳନା କରିଥିବା ବେଳେ ଲାଇନ୍ସ ମ୍ୟାନ୍ ଭାବେ ମନୋରନ ବାରିକ ଏବଂ ଉତ୍କଳମଣି ବେହେରା ସହଯୋଗ କରିଥିଲେ । ସଂସଦର ପୂର୍ବତନ ଖେଳାଳୀ ନିରାକାର ଦଳେଇ, ଗଗନ ସିଂ, ବିନୋଦ ମିଶ୍ର, ନରେନ୍ଦ୍ର କୁମାର ସାହୁ, ଅକ୍ଷୟ କୁମାର ମହାଁ, ରମେଶ ସିଂ, ମୁରଲୀଧର ମିଶ୍ର, ଅଶୋକ କୁମାର ରାଉଳ, ସୁଦନ ରଣା, ଜ୍ୟୋତି ରନ ଜେନା, ଅଖିଳ କୁମାର ପଟ୍ଟନାୟକ, ଜିତେନ୍ଦ୍ର ସାମଲ, ବିରଜା ନାୟକ, ଦୁଲାଲ ଦାସ ପ୍ରମୁଖ ସହଯୋଗ କରିଥିଲେ ।

ନୂତନ ରେଳପଥ ସଂଯୋଗୀକରଣ କ୍ଷେତ୍ରରେ ମୟୂରଭ ଜିଲ୍ଲା କେନ୍ଦ୍ର ଅବହେଳାର ଶିକାର : ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ

ବାରିପଦା,(ପି.ଏନ): ମୟୂରଭ ଜିଲ୍ଲାର ପର୍ଯ୍ୟଟନର ବିକାଶ ସହିତ ଅନ୍ୟାନ୍ୟ ଅନୁସାଂଗିକ ଉନ୍ନତି ନୂତନ ରେଳଲାଇନ ସଂଯୋଗୀକରଣ ଓ ନୂତନ ରେଳ ଚଳାଚଳ ଉପରେ ନିର୍ଭର କରୁଛି । ଆଦିବାସୀ ବହୁଳ ମୟୂରଭ ଜିଲ୍ଲା ପ୍ରାକୃତିକ ସମ୍ପଦରେ ଭରପୁର , କିନ୍ତୁ ବଡ ବଡ ସହର ସହିତ ରେଳଲାଇନ ସଂଯୋଗୀକରଣ ହୋଇ ନ ଥିବାରୁ ମୟୂରଭ ଜିଲ୍ଲାରେ ପର୍ଯ୍ୟଟନ ଶିଳ୍ପ ଓ ଅନ୍ୟାନ୍ୟ ଶିଳ୍ପ ସଂସ୍ଥା ଆଗକୁ ଆଗେଇପାରୁ ନାହିଁ । ଯଦିଓ କେନ୍ଦ୍ର ବିଜେପି ସରକାର ସବକା ସାଥ ସବକା ବିକାଶ କଥା କହୁଛନ୍ତି, କିନ୍ତୁ କାର୍ଯ୍ୟରେ କେବଳ ବଡ ବଡିଆଙ୍କ ସାଥ ଦେଉଛନ୍ତି । ବୁଢାମରା - ଚାକୁଳିଆ ନୂତନ ରେଳ ଲାଇନ ନିର୍ମାଣ ନିମନ୍ତେ ୨୦୦୮-୦୯ ମସିହାରେ ରେଳ ବିଭାଗ ନିଷ୍ପତ୍ତି ନେଇଥିଲେ । କିନ୍ତୁ ବର୍ତ୍ତମାନ କେନ୍ଦ୍ର ସରକାର ୨୦୨୩-୨୪ ମସିହା ବଜେଟରେ କେବଳ ହଜାରେ ଟଙ୍କା ଅର୍ଥ ବରାଦ୍ କରିବା ମୟୂରଭବାସୀଙ୍କ ପ୍ରତି କେନ୍ଦ୍ର ସରକାରଙ୍କର ବୈମାତୃକ ମନୋଭାବର ପ୍ରମାଣ । ସେହିପରି ବାଙ୍ଗିରିପୋଷି - ଗୋରୁମହିଷାଣି ନୂତନ ରେଳ ଲାଇନ ସଂଯୋଗୀକରଣ ନିମନ୍ତେ ମୟୂଭବାସୀଙ୍କ ଦ୍ୱାରା ଦୀର୍ଘ ଦିନରୁ ଦାବୀ ହୋଇଆସୁଅଛି । କିନ୍ତୁ କେନ୍ଦ୍ର ସରକାର ଏହି ନୂତନ ରେଳ ଲାଇନ ନିର୍ମାଣ ନିମନ୍ତେ ଟଙ୍କାଟିଏ ମଧ୍ୟ ବ୍ୟୟବରାଦ କରିନାହାନ୍ତି । ବାଙ୍ଗିରିପୋଷିରୁ ପୁରୀ ରାତ୍ରୀକାଳିନ ଟ୍ରେନ ଚଳାଚଳ ନିମନ୍ତେ କୌଣସି ପଦକ୍ଷେପ ନେଇନାହାନ୍ତି ବୋଲି ପୂର୍ବତନ ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ କ୍ଷୋଭ ପ୍ରକାଶ କରିଛନ୍ତି । ଏଣୁ କେନ୍ଦ୍ର ସରକାର ବୁଢାମରା ଚାକୁଳିଆ, ବାଙ୍ଗିରିପୋଷି, ଗୋରୁମହିଷାଣି ନୂତନ ରେଳ ଲାଇନ ନିର୍ମାଣ ନିମନ୍ତେ ୨୦୨୩-୨୪ ବଜେଟରେ ଅନ୍ତତଃ ୧୦୦୦ କୋଟି ଅର୍ଥ ବ୍ୟୟବରାଦ କରିବାକୁ ଦାବୀ କରିଛନ୍ତି । ସେହିପରି ବାଙ୍ଗିରିପୋଷିରୁ ପୁରୀ ଏକ ରାତ୍ରିକାଳୀନ ଟ୍ରେନ ଯଥାଶୀଘ୍ର ଚଳାଚଳ କରିବାକୁ ଶ୍ରୀମତୀ ହେମ୍ବ୍ରମ ଦାବୀ କରିଛନ୍ତି ।

ବେଆଇନ ବାଲିଘାଟରେ ଚଢ଼ଉ ବେଳେ ଆକ୍ରମଣର ଶିକାର ହେଲେ ବାଲେଶ୍ୱର ଉପଜିଲ୍ଲାପାଳ

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ବାଲି ମାଫିଆ ମାନଙ୍କର ସାହସ କେତେ ବଢି ଯାଇଛି ଯେ ସେମାନେ ଡ଼ୟୁଟି କରୁଥିବା ଅଧିକାରୀ ମାନଙ୍କ ଉପରେ ମଧ୍ୟ ମରଣାନ୍ତକ ଆକ୍ରମଣ କରିବାକୁ ପଛାଉ ନାହାନ୍ତି । ଏଭଳି ଘଟଣା ବାଲେଶ୍ୱର ଜିଲ୍ଲାରେ ଦେଖିବାକୁ ମିଳିଛି । ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଫିଲାଡି କଂଟାବଣିଆ ନିକଟ ବୁଢାବଳଙ୍ଗ ନଦୀରେ ଏକ ବେଆଇନ ବାଲିଘାଟରେ ଚଢ଼ଉ କରିବାକୁ ଯାଇ ବାଲେଶ୍ୱର ଉପଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ ଏବଂ ତାଙ୍କ ଡ୍ରାଇଭର ପ୍ରାଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି ।

ଓଡିଶାରେ ରେଳ ଭିତ୍ତିଭୂମି ବିକାଶ ପାଇଁ ୧୦,୦୧୨ କୋଟି ଟଙ୍କା

ଭୁବନେଶ୍ୱର,(ପି.ଏନ): ଓଡିଶା ପାଇଁ ଚଳିତ ବଜେଟରେ ରେକର୍ଡ ବ୍ୟୟବରାଦ କରାଯାଇଛି । ଓଡିଶାରେ ରେଳ ଭିତ୍ତିଭୂମି ବିକାଶ ପାଇଁ ୧୦,୦୧୨ କୋଟି ଟଙ୍କାର ବ୍ୟବସ୍ଥା କରା ଯାଇଥିବା ନେଇ ପୂର୍ବ ତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି । ଦିଆଯାଇଥିବା ସୂଚନା ଅନୁସାରେ ୨୦୦୯-୧୪ ମଧ୍ୟରେ ହାରାହାରି ବାର୍ଷିକ ବଜେଟ ଖର୍ଚ (କୋଟି) ୮୩୮ କୋଟି ଥିବା ବେଳେ ୨୦୨୩-୨୪ରେ ଏହା ୧୨ ଗୁଣ ବଢି ୧୦,୦୧୨ କୋଟି ଟଙ୍କା ହୋଇଛି । ନୂତନ ଜନାଜାତିୟ ଗୌରବ କରିଡର ପାଇଁ ୨୮୪ କୋଟି ଟଙ୍କା, ନୂତନ ଶକ୍ତି କରିଡର ପାଇଁ ୨୮୪ କୋଟି ଟଙ୍କା, ନୂତନ ପୋର୍ଟ ସଂଯୋଗୀକରଣ ପାଇଁ ୫୭ କୋଟିର ବ୍ୟୟବରାଦ କରାଯାଇଛି । ଏକ ଷ୍ଟେସନ ଏକ ପ୍ରଡ଼କ୍ଟ ଯୋଜନା ମାଧ୍ୟମରେ ୨୮ ଷ୍ଟେସନ ଚିହ୍ନିତ ହୋଇଛି । ଏଗୁଡିକ ମଧ୍ୟରେ ପୁରୀ: ପଟ୍ଟଚିତ୍ର ଏବଂ ପିପିଲି ଆପ୍ଲିକ, ମିଠା, କଟକ: ରୂପା କାରୁକାର୍ଯ୍ୟ, ବୟନଶିଳ୍ପ, ହସ୍ତଶିଳ୍ପ. ରାଉରକେଲା: ଜନଜାତିୟ ଉତ୍ପାଦ ଏବଂ ଭର୍ମୀ କମ୍ପୋଷ୍ଟ.କୋରାପୁଟ: କୋଟପାଡ ଶାଢୀ, ଖେଳଣା. ଢେଙ୍କାନାଳ: ଢୋକ୍ରା କାଷ୍ଟିଙ୍ଗ, ଜନାଜାତିୟ ଗହଣା. ସମ୍ବଲପୁର: ସମ୍ବଲପୁରୀ ଶାଢୀ ଓ ପୋଷାକ, ଟେରାକୋଟା. ଟିଟିଲାଗଡ: ବାଉଁଶ କାରୁକାର୍ଯ୍ୟ ଓ କାରିଗରି ପାଇଁ ଚିହ୍ନି ହୋଇଛି । ନୂଆ ଭୁବନେଶ୍ୱର, ରାୟଗଡା, ସମ୍ବଲପୁର, ଭଦ୍ରକ, ବ୍ରହ୍ମପୁର, ଯାଜପୁର କେନ୍ଦୁଝର ରୋଡ, ଖୋର୍ଦ୍ଧା ରୋଡ, ବାଲେଶ୍ୱର, ଝାରସୁଗୁଡା, ରାଉରକେଲା ପରି ୧୦ ଟି ଷ୍ଟେସନରେ ତକନିକ ଅର୍ଥନୈତିକ ଅଧ୍ୟୟନ ଆରମ୍ଭ ହୋଇଛି । ସେହିପରି ଢେଙ୍କାନାଳ, ତାଳଚେର ରୋଡ, ପାରାଦୀପ, ମଞ୍ଚେଶ୍ୱର, କେନ୍ଦୁଝରଗଡ, କୋରାପୁଟ, ଜୟପୁର, ତାଳଚେର, ଟିଟଲାଗଡ, ବଲାଙ୍ଗୀର, କେଶିଙ୍ଗା, କଣ୍ଟାବାଞ୍ଜି, ସମ୍ବଲପୁର ସିଟି, ଭାବନିପାଟନା, ଝାରସୁଗୁଡା ରୋଡ, ରେଡାଖୋଲ, ପାରଳାଖେମୁଣ୍ଡି, ବାରିପଦା, ଜଳେଶ୍ୱର, ରାଇରଙ୍ଗପୁର, ବ୍ରଜରାଜନଗର, ବଡ଼ବିଲ, ଅନୁଗୁଳ, ବାଲୁଗାଁ, ୨୭ ଟି ଷ୍ଟେସନରେ କାର୍ଯ୍ୟ ଚାଲୁରହିଅଛି ।ଅନୁଗୁଳ, ବାଦାମପାହାଡ, ବଲାଙ୍ଗୀର, ବାଲେଶ୍ୱର, ବାଲୁଗାଁ, ବଡ଼ବିଲ, ବରଗଡ ରୋଡ, ବାରିପଦା, ବରପାଲି, ବେଳପାହାଡ, ବେତନଟୀ, ଭଦ୍ରକ, ଭାବନିପାଟନା, ଭୁବନେଶ୍ୱର, ବିମଳାଗଡ, ବ୍ରହ୍ମପୁର, ବ୍ରଜରାଜନଗର, ଛତ୍ରପୁର, କଟକ, ଦମନଯୋଡି, ଢେଙ୍କାନାଳ, ଗୁଣ୍ଡୁପୁର, ହରିଶଙ୍କରରୋଡ, ହୀରାକୁଦ, ଯାଜପୁର କେନ୍ଦୁଝର ରୋଡ, ଜଳେଶ୍ୱର, ଜରୋଲି, ଜୟପୁର, ଝାରସୁଗୁଡା, ଝାରସୁଗୁଡା ରୋଡ, କଣ୍ଟାବାଞ୍ଜି, କେନ୍ଦୁଝରଗଡ, କେଶିଙ୍ଗା, ଖରିଆର ରୋଡ, ଖୋର୍ଦ୍ଧା ରୋଡ, କୋରାପୁଟ, ଲିଙ୍ଗରାଜ ଟେମ୍ପୁଲ ରୋଡ, ମଞ୍ଚେଶ୍ୱର, ମେରମଣ୍ଡଳୀ, ମୁନିଗୁଡା, ନୂଆ ଭୁବନେଶ୍ୱର, ପାନପୋଷ, ପାରାଦୀପ, ପାରଳାଖେମୁଣ୍ଡି, ପୁରୀ, ରଘୁନାଥପୁର, ରେଡାଖୋଲ, ରାଇରଙ୍ଗପୁର, ରାଜଗାଙ୍ଗପୁର, ରାୟଗଡା, ରାଉରକେଲା, ସାକ୍ଷୀ ଗୋପାଳ, ସମ୍ବଲପୁର, ସମ୍ବଲପୁର ସିଟି, ତାଳଚେର, ତାଳଚେର ରୋଡ, ଟିଟିଲାଗଡ ପରି ୫୭ ଷ୍ଟେସନକୁ ବିକଶିତ କରାଯାଉଛି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities
TUITION CLASSES for Std I to Std V Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray